

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



Vol - 22 Issue No:86 19 July 2026 (Sunday) Rourkela Rs.2.00 Page -1 ୨୨ ବର୍ଷ ସଂଖ୍ୟା:୮୬ ୧୯ ଜୁଲାଇ ୨୦୨୬ (ରବିବାର) ରାଉରକେଲା ମୂଲ୍ୟ:ଟ.୨.୦୦ ପୃଷ୍ଠା-୬

# ମହାକାଶ ଯାତ୍ରାରେ ଐତିହାସିକ ଅଧ୍ୟାୟ ଯୋଡ଼ିଲା ଭାରତ :



## ସଫଳତାର ସହ 'ବିକ୍ରମ-୧'ର ଉତ୍କ୍ଷେପଣ

ଶ୍ରୀହରିକୋଟା,୧୮/୭: ସ୍କାଏରୁଟ୍ ଏରୋସ୍ପେସର 'ମିଶନ ଆଗମନ' ଅନ୍ତର୍ଗତ ପ୍ରଥମ ଘରୋଇ କ୍ଷେତ୍ରର ରକେଟ 'ବିକ୍ରମ-୧'କୁ ଆନ୍ଧ୍ରପ୍ରଦେଶର ତିରୁପତି ଜିଲ୍ଲାର ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ସଫଳତାର ସହ ଉତ୍କ୍ଷେପଣ କରାଯାଇଛି। ଏହା ସହିତ ଭାରତର ମହାକାଶ ଯାତ୍ରାରେ ଏକ ନୂତନ ଐତିହାସିକ ଅଧ୍ୟାୟ ଯୋଡ଼ି ହୋଇଛି। ଶନିବାର ମଧ୍ୟାହ୍ନ ୧୨ଟା ୫ରେ ସ୍କାଏରୁଟ୍ ଏରୋସ୍ପେସ ଭାରତର ପ୍ରଥମ ଘରୋଇ ଭାବରେ ବିକଶିତ କକ୍ଷପଥ ପ୍ରକ୍ଷେପଣ ଯାନ, ବିକ୍ରମ-୧ର ପ୍ରଥମ ଉତ୍?କ୍ଷେପଣ କରିଛି। ଏହି ଚାରି-ପର୍ଯ୍ୟାୟ ରକେଟ୍ ଦ୍ରୁତ ଏବଂ ଉପଯୁକ୍ତ ପ୍ରକ୍ଷେପଣ ସେବା ପ୍ରଦାନ କରିବା ପାଇଁ ଏହା ଡିଜାଇନ୍ କରାଯାଇଛି। 'ମିଶନ ଆଗମନ' ହେଉଛି ସ୍କାଏରୁଟ୍ ଏରୋସ୍ପେସର ପ୍ରଥମ କକ୍ଷପଥ ପରୀକ୍ଷଣ ଉଡ଼ାଣ। ଭାରତୀୟ ଘରୋଇ କମ୍ପାନି ଦ୍ୱାରା ନିଜସ୍ୱ ରକେଟ୍ ସାହାଯ୍ୟରେ କକ୍ଷପଥରେ ପହଚିଂବାର ପ୍ରଥମ ପ୍ରୟାସ। ଏହି ରକେଟରେ ଡକ୍ଟର ବିକ୍ରମ ସରାଭାଇ, ସାର୍ ସିଭି ରମଣ ଏବଂ ଡକ୍ଟର ଏପିଜେ ଅବଦୁଲ କଲାମଙ୍କ କ୍ଷୁଦ୍ର ପ୍ରତିମୂର୍ତି ରହିଛି। ଭାରତର ମହାକାଶ କାର୍ଯ୍ୟକ୍ରମର ଜନକ ଡକ୍ଟର ବିକ୍ରମ ସରାଭାଇଙ୍କ ନାମରେ ନାମିତ ୨୪ ମିଟର ଉଚ୍ଚ ବିକ୍ରମ-୧ ରକେଟ୍ ସମ୍ପୂର୍ଣ୍ଣ ହାଲୁକା କାର୍ବନ କମ୍ପୋଜିଟ୍ ଦ୍ୱାରା ପରିଚାଳିତ ହେବ। ଏହା ତିନୋଟି କଠିନ ଇନ୍ଧନ ପର୍ଯ୍ୟାୟ ଏବଂ ଏକ ତରଳ କକ୍ଷ ସମାୟୋଜନ ମଡ୍ୟୁଲ୍ ସହିତ କାର୍ଯ୍ୟ କରିବ। ଏଥିରେ ୪୫୦ କିଲୋମିଟର ନିମ୍ନ ପୃଥିବୀ କକ୍ଷ (ଏଲଇଓ)ରେ ୩୫୦ କିଲୋଗ୍ରାମ ପର୍ଯ୍ୟନ୍ତ ପେଲୋଡ୍ ରଖିବାର କ୍ଷମତା ଅଛି। ଏହି ମିଶନରେ ବେଙ୍ଗାଲୁରୁ-ଭିତ୍ତିକ କମ୍ପାନି କସମସ୍ ଡାଇମଣ୍ଡସ୍‌ରୁ ଏକ ଲ୍ୟାବ-ବିକଶିତ 'ଡାଇମଣ୍ଡ ଲୋଟସ୍' ପେଲୋଡ୍ ଭାବେ ପଠାଯାଇଛି। ଏହି ମିଶନ ୨୦୨୨ ରେ ସ୍କାଏରୁଟ୍‌ର ସଫଳ 'ବିକ୍ରମ-ଏସ' ସବ୍-ଅର୍ବିଟାଲ୍ ମିଶନ, 'ପ୍ରାରମ୍ଭ' ପରେ ପରବର୍ତ୍ତୀ ପ୍ରମୁଖ ପଦକ୍ଷେପ। ସେହି ମିଶନ ସହିତ, ସ୍କାଏରୁଟ୍ ସଫଳତାର ସହ ଏକ ରକେଟ୍ ଉତ୍ କ୍ଷେପଣ କରି ଭାରତର ପ୍ରଥମ ଘରୋଇ କମ୍ପାନି ପାଲଟିଛି। ଏବେ, 'ଆଗମନ' ମିଶନ ମାଧ୍ୟମରେ, କମ୍ପାନି କକ୍ଷ ପ୍ରକ୍ଷେପଣ ଯାନର ପ୍ରଯୁକ୍ତିବିଦ୍ୟା ଏବଂ କାର୍ଯ୍ୟଦକ୍ଷତା ପରୀକ୍ଷା କରିବ, ଯାହା ଭବିଷ୍ୟତର ବାଣିଜ୍ୟିକ ଉତ୍କ୍ଷେପଣ ପାଇଁ ପଥକୁ ସହଜ କରିବ। ସୂଚନାଯୋଗ୍ୟ, ଏହାକୁ ଶନିବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଉତ୍କ୍ଷେପଣ କରାଯିବାକୁ ଧାର୍ଯ୍ୟ କରାଯାଇଥିଲା। ତେବେ ଧାର୍ଯ୍ୟ ସମୟର ୫ ମିନିଟ୍ ପୂର୍ବରୁ ରକେଟ୍‌ରେ କିଛି ଯାନ୍ତ୍ରିକ ସମସ୍ୟା ଚିହ୍ନଟ ହେବା ପରେ ଉତ୍କ୍ଷେପଣକୁ କିଛି ସମୟ ପାଇଁ ବିଳମ୍ବ କରାଯାଇଥିଲା।

# ଦିଲ୍ଲୀରେ ଇନଭେଷ୍ଟର୍ସ ମିଟ୍ କରିବ ଓଡ଼ିଶା :

## ଖାଦ୍ୟ ପ୍ରକ୍ରିୟାକରଣ ସେକ୍ଟରକୁ ଦିଆଯିବ ଗୁରୁତ୍ୱ ରୋଡ଼ ଶୋ'ର ନେତୃତ୍ୱ ନେବେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୮/୭(ନି/ପ୍ର): ଅଗଷ୍ଟରେ ଦିଲ୍ଲୀରେ ଇନଭେଷ୍ଟର୍ସ ରୋଡ ଶୋ' କରିବ ଓଡ଼ିଶା। ଏନେଇ ବଡ଼ ସୂଚନା ଦେଲେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ଓଡ଼ିଶା ସରାକାରଙ୍କ ଫୋକସ୍ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ରହିବ। ଦିଲ୍ଲୀ ରୋଡ଼ ଶୋ'ର ନେତୃତ୍ୱ ନେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିଉ ଏଜ ଶିଳ୍ପ ଉପରେ ଓଡିଶା ଗୁରୁତ୍ୱ ଦେଉଛି। ଅଗଷ୍ଟରେ ହେବାକୁ ଥିବା ଦିଲ୍ଲୀ ରୋଡ଼ ଶୋରେ ଟିମ ଓଡ଼ିଶାର ନେତୃତ୍ୱ ନେବେ ମୁଖ୍ୟମନ୍ତ୍ରୀ। ଇନଭେଷ୍ଟର୍ସ ସମ୍ମିଟ୍‌ରେ ବିଭିନ୍ନ ପୁଞ୍ଜିପତିଙ୍କ ସହ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ଆଲୋଚନା କରିବେ । ଗତ ୨ ବର୍ଷରେ ଓଡିଶାକୁ ଅନେକ ପୁଞ୍ଜି ଆସିଛି ଏବଂ ଶିଳ୍ପ ମଧ୍ୟ ଆରମ୍ଭ ହୋଇଛି । ଆମ ସରକାର ନିୟମିତ ଭାବେ ପୁଞ୍ଜି ନିବେଶ, ଶିଳ୍ପ ପ୍ରତିଷ୍ଠା ଓ ନିଯୁକ୍ତି ଉପରେ ସମୀକ୍ଷା କରୁଛି ।ଶିଳ୍ପ ପ୍ରତିଷ୍ଠା ସହ ଓଡିଶାର ଯୁବକ ଯୁବତୀମାନେ କିପରି ଶିଳ୍ପ ବାତାନୁକୂଳ ଦକ୍ଷତା ପାଇବେ, ।ସେଥିପ୍ରତି ବି ଧ୍ୟାନ ଦେଉଛୁ । ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଓଡିଶା ଚାମ୍ପିଅନ ହେବା ଓଡିଶାର ଦକ୍ଷ ମାନବ ସମ୍ବଳ ପ୍ରମାଣିତ କରୁଛି ବୋଲି କହିଛନ୍ତି ଶିଳ୍ପ ମନ୍ତ୍ରୀ ।

# ଗୋଟିଏ ପରିବାରର ୫ ସଦସ୍ୟଙ୍କ ମୃତଦେହ ଉଦ୍ଧାର

ରାୟପୁର,୧୮/୭:ଛତିଶଗଡ଼ର ରାୟପୁର ସ୍ଥିତ ସଞ୍ଜୟ ନଗର ଅଂଚଳରେ ଶନିବାର ଭୋର ସମୟରେ ଗୋଟିଏ ଭଡ଼ା ଘରୁ ଗୋଟିଏ ପରିବାରର ୫ ଜଣ ସଦସ୍ୟଙ୍କ ମୃତଦେହ ମିଳିବା ଘଟଣା ସ୍ଥାନୀୟ ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି। ପାରିପାର୍ଶ୍ୱିକ ସ୍ଥିତିରୁ ପରିବାରର ସମସ୍ତ ସଦସ୍ୟ କୌଣସି ବିଷାକ୍ତ ଦ୍ରବ୍ୟ ସେବନ କରି ଆତ୍ମହତ୍ୟା କରିଥିବା ପୁଲିସ ପ୍ରାଥମିକ ଯାଂଚରୁ ସନ୍ଦେହ କରୁଛି। ତେବେ ମୃତ୍ୟୁର ପ୍ରକୃତ କାରଣ ଶବ ବ୍ୟବଚ୍ଛେଦ ଓ ଫୋରେନ୍ସିକ୍ ରିପୋର୍ଟ ଆସିବା ପରେ ହିଁ ସ୍ପଷ୍ଟ ହେବ ବୋଲି ପୁଲିସ ଅଧିକାରୀମାନେ ପ୍ରକାଶ କରିଛନ୍ତି। ମୃତକମାନଙ୍କୁ ପରିବାରର ମୁଖ୍ୟ ସୟଦ ସାଜିଦ ସାକୁ (୫୦), ତାଙ୍କ ପତ୍ନୀ ରାବିଆ ବାନୋ, ସେମାନଙ୍କ ୨୦ ବର୍ଷର ପୁଅ ସୟଦ ଇରଶାଦ ଅଲି ଓ ଦୁଇ ନାବାଳିକା ଝିଅ ଶାହିନା (୧୭) ଓ ଶବା (୧୫) ଭାବେ ଚିହ୍ନଟ କରାଯାଇଛି। ଟିକରାପଡ଼ା ଥାନା ପ୍ରଭାରୀ ରାଜେଶ ମାରାଇ ଜଣାଇଛନ୍ତି ଯେ, ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଫୋରେନ୍ସିକ୍ ସାଇନ୍ସ ଲାବୋରେଟୋରୀ ଦଳକୁ ଡକାଇ ପ୍ରମାଣ ସଂଗ୍ରହ କରାଯିବା ସହ ଉକ୍ତ ସ୍ଥାନକୁ ସିଲ୍ କରାଯାଇଛି।

# ଆଗାମୀ ୨୪ ଘଣ୍ଟାରେ ପ୍ରବଳ ଝଡ଼,ବର୍ଷା ପାଇଁ ସତର୍କ ସୂଚନା

ନୂଆଦିଲ୍ଲୀ,୧୮/୭: ଦେଶରେ ମୌସୁମୀ ବାୟୁ ପୁଣି ସକ୍ରିୟ ହେଉଛି ଏବଂ ଆଗାମୀ ୨୪ ଘଣ୍ଟା ମଧ୍ୟରେ ପାଗରେ ବ୍ୟାପକ ପରିବର୍ତନ ଆସିପାରେ। ବିଶେଷକରି ପାହାଡ଼ିଆ ରାଜ୍ୟଗୁଡ଼ିକରେ ମୌସୁମୀ ପୁଣି ଥରେ ପ୍ରବଳ ପ୍ରତ୍ୟାବର୍ତ୍ତନ କରୁଛି। ଆଜି ୧୫ଟି ରାଜ୍ୟରେ ପ୍ରବଳ ବର୍ଷା ସହିତ ପ୍ରବଳ ପବନ ବହିବାର ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ। ଆଇଏମଡି ଅନୁଯାୟୀ, ବଙ୍ଗୋପସାଗରରେ ଏକ ନିମ୍ନ ଚାପ ସୃଷ୍ଟି ହେଉଛି ଏବଂ ଏକ ପଶ୍ଚିମ ଝଡ ମଧ୍ୟ ସକ୍ରିୟ ହେବ। ତେଣୁ ଦେଶର ୬୦ ରୁ ୭୦ ପ୍ରତିଶତ ଅଂଚଳକୁ ପୁଣି ମୌସୁମୀ ମେଘ ଘୋଡ଼ାଇ ଦେଇଛି, ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ଉତର-ପଶ୍ଚିମ ଭାରତରେ ପାଗ ପରିବର୍ତ୍ତନ ହେବ ଏବଂ ଲୋକମାନେ ଗରମରୁ ଆଶ୍ୱସ୍ତି ପାଇବେ। ଆଗାମୀ ସାତ ଦିନ ମଧ୍ୟରେ ଉତର-ପୂର୍ବ ଭାରତ, ଉପ-ହିମାଳୟ ପଶ୍ଚିମବଙ୍ଗ, ସିକିମ, ବିହାର, ଉତର ପ୍ରଦେଶ ଏବଂ ପଶ୍ଚିମ ହିମାଳୟ ଅଂଚଳର ବିଚ୍ଛିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି।

# ଲଗାତାର ସାତରାତି ଇରାନ ଉପରେ ବୋମା ମାଡ଼ କଲା ଆମେରିକା



ତେହେରାନ,୧୮/୭: ଆମେରିକାର କେନ୍ଦ୍ରୀୟ କମାଣ୍ଡ ସେଂଟକମ୍ ଲଗାତାର ସାତରାତି ଧରି ଇରାନ ଉପରେ ଆକ୍ରମଣ କରିଛି। ଆମେରିକାର ଏହି ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଇରାନ ଚେତାବନୀ ଦେଇଛି ଯେ, କୌଣସି ସୀମା ଆଉ ସୁରକ୍ଷିତ ରହିବ ନାହିଁ। ଶାନ୍ତି ଆଲୋଚନା ଭଙ୍ଗ ପରେ ତେହେରାନ ପକ୍ଷରୁ ସବୁଠାରୁ ବଡ଼ ଧରଣର ଆକ୍ରମଣ କରାଯାଇ କତାର, କୁଏତ ଏବଂ ଜୋର୍ଡାନ ସମେତ ଅନ୍ୟ ଆମେରିକୀୟ ସହଯୋଗୀମାନଙ୍କୁ ଟାର୍ଗେଟ କରାଯାଇଛି। ଶୀର୍ଷ ଇରାନୀ ସାମରିକ ପରାମର୍ଶଦାତା ଚେତାବନୀ ଦେଇଛନ୍ତି , ଯଦି ଆମେରିକା ଗୁଳିବର୍ଷା ଜାରି ରଖେ, ତେବେ ଆଗାମୀ ଦିନରେ ଇରାନ ଦ୍ୱାରା ଏକ ଅଧିକ 'ବଡ଼ ଧରଣର ଆକ୍ରମଣ' ହୋଇପାରେ। ରିପୋର୍ଟ ଅନୁଯାୟୀ, ହର୍ମୁଜ୍ ପ୍ରଣାଳୀ ନିକଟରେ ଏକ ନିରୀକ୍ଷଣ ଟାୱାର ଧ୍ୱଂସର ଜବାବରେ ତେହେରାନ ପାରସ୍ୟ ଉପସାଗରର ପ୍ରମୁଖ ବନ୍ଦରଗୁଡ଼ିକୁ ଟାର୍ଗେଟ କରିବାକୁ ଧମକ ଦେଇଛି। ଆମେରିକାର ବୋମା ମାଡ଼ରେ ଦକ୍ଷିଣ ଇରାନରେ ଅନେକ ପୋଲ କ୍ଷତିଗ୍ରସ୍ତ ହୋଇଛି, ଯେଉଁଥିରୁ ଅନେକ ପୋଲ ଉପକୂଳବର୍ତୀ ସହର ବନ୍ଦର ଆବାସକୁ ସଂଯୋଗ କରୁଥିବା ରାସ୍ତାରେ ରହିଥିଲା। ଇରାନର ସର୍ବୋଚ୍ଚ ନେତାଙ୍କ ବରିଷ୍ଠ ସାମରିକ ପରାମର୍ଶଦାତା ଚେତାବନୀ ଦେଇଛନ୍ତି, ଯଦି ଆମେରିକା ତେହରାନ ଉପରେ ଆକ୍ରମଣ ଦୁଇ କିମ୍ବା ତିନି ଦିନ ପର୍ଯ୍ୟନ୍ତ ଜାରି ରହେ, ତେବେ ତେହେରାନ ଏକ ବଡ଼ ଧରଣର ଆକ୍ରମଣ ପୁଣି ଥରେ ଆରମ୍ଭ କରିବାକୁ ପ୍ରସ୍ତୁତ ରହିଛି। ଇରାନୀ ସମାଚାର ଏଜେନ୍ସି ଆଇଆରଆଇବି ଅନୁଯାୟୀ, ମେଜର ଜେନେରାଲ ମୋହସେନ ରେଜାଏଇ କହିଛନ୍ତି ଯେ, ଇରାନ ଆଉ ପ୍ରତିଶୋଧ ପର୍ଯ୍ୟନ୍ତ ନିଜକୁ ସୀମିତ ରଖିବ ନାହିଁ। ଏବେ ଆଉ କୌଣସି ରାଜନୈତିକ ସୀମା ସୁରକ୍ଷିତ ରହିବ ନାହିଁ।

# ଆମେରିକାରେ କାନାଡାର ବିଷାକ୍ତ ବାୟୁ ! :

## ଶୁଳ୍କ ବୃଦ୍ଧି କରିବାକୁ ଧମକ ଦେଲେ ଟ୍ରମ୍ପ



ୱାସିଂଟନ,୧୮/୭: ଜଙ୍ଗଲ ନିଆଁର ଧୂଆଁ ଆମେରିକା ପର୍ଯ୍ୟନ୍ତ ପହଂଚୁଥିବାରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାନାଡାକୁ ସମାଲୋଚନା କରିଛନ୍ତି। ଟ୍ରମ୍ପ ଅଭିଯୋଗ କରିଛନ୍ତି ଯେ ଅନୁପଯୁକ୍ତ ଜଙ୍ଗଲ ରକ୍ଷଣାବେକ୍ଷଣ ଯୋଗୁଁ ଆମେରିକାରେ ପ୍ରଦୂଷଣ ବୃଦ୍ଧି ହେଉଛି। ସେ ଚେତାବନୀ ଦେଇଛନ୍ତି, ଏହି କ୍ଷତି ପାଇଁ କାନାଡା ଅତିରିକ୍ତ ଶୁଳ୍କ ଭୋଗିପାରେ। ଟ୍ରମ୍ପ କାନାଡା ଉପରେ ତାଙ୍କ ଶୁଳ୍କ ଅଭିଯାନକୁ ଜଙ୍ଗଲ ଅଗ୍ନିକାଣ୍ଡ ପ୍ରସଙ୍ଗ ସହ ଯୋଡିଛନ୍ତି। ସେ ଅଭିଯୋଗ କରିଛନ୍ତି, କାନାଡା ନିଜର ଜଙ୍ଗଲକୁ ସଠିକ୍ ଭାବରେ ପରିଚାଳନା କରୁନାହିଁ, ଯାହା ଫଳରେ ସେଠାରେ ଅଗ୍ନିକାଣ୍ଡ ଘଟୁଛି। ଜଙ୍ଗଲ ନିଆଁର ଧୂଆଁ ଅନେକ ଆମେରିକାର ରାଜ୍ୟକୁ ପହଚୁଂଛି। ଏହି ପ୍ରଦୂଷଣ ଦ୍ୱାରା ଆମେରିକାର ହୋଇଥିବା କ୍ଷତି ପାଇଁ କାନାଡାକୁ ଦେୟ ଦେବାକୁ ପଡିବ, ଏବଂ ଏହାକୁ ବିଦ୍ୟମାନ ଶୁଳ୍କରେ ଯୋଡାଯିବ ବୋଲି ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ, ଟ୍ରୁଥ୍ ସୋସିଆଲରେ ଧମକ ଦେଇ ଲେଖିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ସେ ଏହି ପ୍ରସଙ୍ଗରେ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ସହ କଥା ହେବେ। ସେ ଜାଣିବାକୁ ଚାହାଁନ୍ତି ଯେ କାନାଡା ସରକାର ଜଙ୍ଗଲ ନିଆଁ ରୋକିବା ପାଇଁ କ'ଣ ପଦକ୍ଷେପ ନେଉଛନ୍ତି। ଟ୍ରମ୍ପଙ୍କ ଅନୁଯାୟୀ, ଏହି ଧୂଆଁରୁ ଆମେରିକାର ଆର୍ଥିକ କ୍ଷତି ଅକଳ୍ପନୀୟ। ସେ କାନାଡା ଜାଣିଶୁଣି ଅବହେଳା କରୁଥିବା ସେ ଅଭିଯୋଗ କରିଛନ୍ତି। ଏହି ସମସ୍ୟାର ପୁନରାବୃତି ପ୍ରତିବର୍ଷ ହେଉଛି। ଆମେରିକୀୟ ନାଗରିକମାନେ ଏହାର ବୋଝ ବହନ କରିଥାନ୍ତି। ତେଣୁ, ଏହି ପ୍ରଦୂଷଣର ମୂଲ୍ୟ କାନାଡା ସାମଗ୍ରୀ ଉପରେ ପୂର୍ବରୁ ଲାଗୁ ହୋଇଥିବା ଶୁଳ୍କରେ ଯୋଡାଯିବ। ଟ୍ରମ୍ପଙ୍କ ଏହି ମନ୍ତବ୍ୟ ଏପରି ଏକ ସମୟରେ ଆସିଛି ଯେତେବେଳେ କାନାଡାରେ ପ୍ରାୟ ୮୫୦ ଜଙ୍ଗଲରେ ନିଆଁ ଲାଗିଛି। ଏଥିମଧ୍ୟରୁ ୧୮୦ରୁ ଅଧିକ ଜଙ୍ଗଲରେ ନିଆଁ କେବଳ ଅଟାଂରିଓ ପ୍ରଦେଶରେ ଜଳୁଛି। ଆମେରିକୀୟ ମହାକାଶ ସଂସ୍ଥା ନାସା ଅନୁଯାୟୀ, ଏହି ନିଆଁର ଧୂଆଁ ଉତ୍ତର ଆମେରିକାର ଏକ ବଡ଼ ଅଂଶରେ ବ୍ୟାପିଛି। ଏହି ଧୂଆଁ ଯୋଗୁଁ,୨୦ ରୁ ଅଧିକ ଆମେରିକା ରାଜ୍ୟରେ ବାୟୁ ଗୁଣବତ୍ତା ନେଇ ସତର୍କ ସୂଚନା ଜାରି କରାଯାଇଛି। ମଧ୍ୟପଶ୍ଚିମ ଠାରୁ ଉତ୍ତର-ପୂର୍ବ ପର୍ଯ୍ୟନ୍ତ ଅନେକ ଅଂଚଳରେ, ଲୋକମାନଙ୍କୁ ସେମାନଙ୍କର ବାହ୍ୟ କାର୍ଯ୍ୟକଳାପକୁ ସୀମିତ କରିବାକୁ ଏବଂ ଅତ୍ୟଧିକ ଶାରୀରିକ କାର୍ଯ୍ୟକଳାପରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି।

# ଗଞ୍ଜାମ ଗସ୍ତରେ ଆସିବେ ରାଷ୍ଟ୍ରପତି

ବ୍ରହ୍ମପୁର,୧୮/୭(ନି/ପ୍ର): ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୪ ଓ ୫ ତାରିଖ ରେ ଗଞ୍ଜାମ ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ସୂଚନା ମିଳିନଥିଲେ ମଧ୍ୟ ୪ ତାରିଖ ରେ ଗଞ୍ଜାମର ତପ୍ତପାଣି ଠାରେ ଆଦିବାସୀ ଶବର ସମାଜ ର ସମ୍ମିଳନୀରେ ରାଷ୍ଟ୍ରପତି ଯୋଗଦେବା ସମ୍ଭାବନା ରହିଛି। ସମ୍ମିଳନୀରେ ଗଞ୍ଜାମ ଓ ଗଜପତି ଜିଲ୍ଲାର ଆଦିବାସୀ ଶବର ସମାଜ କର୍ମକର୍ତ୍ତା ସାମିଲ ହେବେ। ତପ୍ତପାଣି ଗଞ୍ଜାମ ଓ ଗଜପତି ଜିଲ୍ଲା ର ସୀମା ରେ ରହିଥିବା ରୁ ଏଠାରେ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା କୁହାଯାଉଛି। ତେବେ ଏ ସଂକ୍ରାନ୍ତ ରେ କୌଣସି ନିର୍ଦ୍ଦିଷ୍ଟ ସୂଚନା ଓ ତାରିଖ କିମ୍ବା କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇନଥିବା ବିଜେପି ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ କହିଛନ୍ତି।

# ଆୟୁଷ୍ମାନ କାର୍ଡରେ ମିଳିବ କ୍ୟାନସର ଚିକିତ୍ସା



ଭୁବନେଶ୍ୱର,୧୮/୭(ନି/ପ୍ର): : ଆୟୁଷ୍ମାନ କାର୍ଡରେ ମିଳିବ କର୍କଟ ରୋଗ ଚିକିତ୍ସା। ଏଣିକି ଆୟୁଷ୍ମାନ ଭାରତ କାର୍ଡରେ ମିଳିବ କ୍ୟାନସର୍ ଚିକିତ୍ସା ସୁବିଧା। ଏନେଇ ଶନିବାର ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ବଜେଟରେ ମୁଖ୍ୟମନ୍ତ୍ରୀ କ୍ୟାନସର ଆରୋଗ୍ୟ ଯୋଜନା ସାମିଲ ହୋଇଛି। ୧୨୧ଟି ପ୍ୟାକେଜକୁ ଗୋପବନ୍ଧୁ ଆରୋଗ୍ୟ ଯୋଜନାରେ ସାମିଲ କରିଛୁ। ଏହା ଭିତରେ କ୍ୟାନସର ଚିକିତ୍ସା ପାଇଁ ମଧ୍ୟ ବ୍ୟବସ୍ଥା ରହିଛି। କ୍ୟାନସର ଚିକିତ୍ସା ବାବଦ ଖର୍ଚ୍ଚ ରାଜ୍ୟ ପାଣ୍ଠିରୁ ବହନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ୭ଟି ପୁନଃନିର୍ମିତ ରେଳ ଷ୍ଟେସନ୍ ଉଦ୍‌ଘାଟିତ




ଭୁବନେଶ୍ୱର,୧୮/୭(ନି/ପ୍ର): ଓଡ଼ିଶାର ରେଳ ଭିତ୍ତିଭୂମି ରୂପାନ୍ତର ଓ ଯାତ୍ରୀଙ୍କ ସୁବିଧା ବୃଦ୍ଧି କ୍ଷେତ୍ରରେ ଆଉ ପାଦେ ଆଗକୁ ବଢ଼ିଛି। ଅମୃତ ଭାରତ ଷ୍ଟେସନ୍ ଯୋଜନା ଅଧୀନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦେଶର ୭୫ଟି ପୁନଃନିର୍ମିତ ରେଳ ଷ୍ଟେସନ୍‌ର ଉଦ୍‌ଘାଟନ କରିଛନ୍ତି। ଯେଉଁଥିରେ ଓଡ଼ିଶାର ୭ଟି ରେଳ ଷ୍ଟେସନ୍ ଯଥା ବଲାଙ୍ଗୀର, ବରପାଲି, ପାରଳାଖେମୁଣ୍ଡି, ତାଳଚେର, କେସିଙ୍ଗା, ବାରିପଦା ଓ ବିମଳାଗଡ଼ ରହିଛି। ପ୍ରାୟ ୧୦୯ କୋଟି ଟଙ୍କା ବ୍ୟୟରେ ପୁନଃନିର୍ମିତ ଏହି ଷ୍ଟେସନ୍‌ଗୁଡ଼ିକ ସେମାନଙ୍କ ଅଂଚଳର ସାଂସ୍କୃତିକ ପରିଚୟ, ସ୍ଥାପତ୍ୟ କଳା ଓ ଐତିହ୍ୟକୁ ସଂରକ୍ଷଣ କରିବା ସହ ଆଧୁନିକ, ଯାତ୍ରୀ କେନ୍ଦ୍ରିକ ରେଳ ଷ୍ଟେସନ୍ ବିକାଶକୁ ପ୍ରତିଫଳିତ କରୁଛି। ଏଥିରେ ଆଧୁନିକ ଷ୍ଟେସନ୍ ଭବନ, ଉନ୍ନତ ଚଳାଚଳ ପରିସର, ଅତ୍ୟାଧୁନିକ ପ୍ରତୀକ୍ଷାଳୟ, ଆଧୁନିକ ଶୌଚାଳୟ, ଉନ୍ନତ ପ୍ଲାଟଫର୍ମ ଛାଉଣି, ଡିଜିଟାଲ୍ ଯାତ୍ରୀ ସୂଚନା ପ୍ରଣାଳୀ, ଉନ୍ନତ ଆଲୋକୀକରଣ, ସୂଚନା ଫଳକ, ବହୁ ମାଧ୍ୟମ ପରିବହନ ସଂଯୋଗୀକରଣ ଭଳି ଯାତ୍ରୀ ସୁବିଧା ଉପଲବ୍ଧ ହୋଇଛି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ସମ୍ବଲପୁରୀ ହସ୍ତତନ୍ତ ଓ ରାଜକୀୟ ଐତିହ୍ୟଠାରୁ ଆରମ୍ଭ କରି ଖଣି ଅଂଚଳ ଏବଂ ସମୃଦ୍ଧ ସାଂସ୍କୃତିକ ପରମ୍ପରା ପର୍ଯ୍ୟନ୍ତ, ଏହି ପୁନଃବିକଶିତ ଷ୍ଟେସନ୍‌ଗୁଡ଼ିକ ଓଡ଼ିଶାର ବିବିଧ ଆଂଚଳିକ ପରିଚୟକୁ ଗୌରବାନ୍ୱିତ କରୁଛନ୍ତି। ପରିଚାଳନାଗତ ଆବଶ୍ୟକତା ଓ ପ୍ରତ୍ୟେକ ଷ୍ଟେସନ୍‌ର ବିଶେଷ ଚାହିଦାକୁ ଦୃଷ୍ଟିରେ ରଖି ଷ୍ଟେସନଗୁଡ଼ିକରେ ଲିଫ୍ଟ ସୁବିଧା ସହିତ ୧୨ ମିଟର ଚଉଡ଼ା ପାଦଚଲା ଓଭରବ୍ରିଜ୍ (ଏଫ୍‌ଓବି) ନିର୍ମାଣ ହୋଇଛି। ଏହା ଦିବ୍ୟାଙ୍ଗ ଓ ବୃଦ୍ଧ ଯାତ୍ରୀଙ୍କ ସମେତ ସମସ୍ତଙ୍କ ପାଇଁ ବାଧାମୁକ୍ତ ଯାତାୟାତ ସୁନିଶ୍ଚିତ କରିବ। ଏଥିସହ ଷ୍ଟେସନ୍ ଭବନଗୁଡ଼ିକରେ ସ୍ଥାନୀୟ କଳା, ସଂସ୍କୃତି ଓ ସ୍ଥାପତ୍ୟର ଉପାଦାନ ସ୍ଥାନ ପାଇଛି, ଯାହାକି ସମ୍ପୃକ୍ତ ଅଂଚଳର ସ୍ୱତନ୍ତ୍ର ଐତିହ୍ୟକୁ ପ୍ରତିଫଳିତ କରୁଛି। ଏହି ରୂପାନ୍ତରିତ ଷ୍ଟେସନ୍‌ଗୁଡ଼ିକ ଯାତ୍ରୀଙ୍କ ସୁବିଧାକୁ ଯଥେଷ୍ଟ ବୃଦ୍ଧି କରିବ। ଆଂଚଳିକ ସଂଯୋଗକୁ ସୁଦୃଢ଼ ଏବଂ ପର୍ଯ୍ୟଟନ, ବାଣିଜ୍ୟ ତଥା ସ୍ଥାନୀୟ ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି। ଏହା 'ବିକଶିତ ଭାରତ'ର ଦୃଷ୍ଟିକୋଣ ଅନୁଯାୟୀ ବିଶ୍ୱସ୍ତରୀୟ ରେଳ ଭିତିଭୂମି ଗଢ଼ି ତୋଳିବାର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରୁଛି ବୋଲି ଭାରତୀୟ ରେଳପଥ ପକ୍ଷରୁ କୁହାଯାଇଛି। ପ୍ରାୟ ୧୦୯ କୋଟି ଟଙ୍କା ବ୍ୟୟରେ ପୁନଃନିର୍ମିତ ଏହି ଷ୍ଟେସନ୍‌ଗୁଡ଼ିକ ସେମାନଙ୍କ ଅଂଚଳର ସାଂସ୍କୃତିକ ପରିଚୟ, ସ୍ଥାପତ୍ୟ କଳା ଓ ଐତିହ୍ୟକୁ ସଂରକ୍ଷଣ କରିବା ସହ ଆଧୁନିକ, ଯାତ୍ରୀ କେନ୍ଦ୍ରିକ ରେଳ ଷ୍ଟେସନ୍ ବିକାଶକୁ ପ୍ରତିଫଳିତ କରୁଛି।

# ସାଉଦି ଆରବରେ ଫସିଛନ୍ତି ଓଡ଼ିଆ ଯୁବକ

## ଫେରାଇ ଆଣିବାକୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଚିଠି ଲେଖିଲେ ରାଜ୍ୟ ଶିଳ୍ପ ମନ୍ତ୍ରୀ



ଜଗତସିଂହପୁର,୧୮/୭(ନି/ପ୍ର): ସାଉଦି ଆରବରେ ଫସି ରହିଥିବା ଓଡ଼ିଆ ଯୁବକ ପ୍ରଳୟ ରଞ୍ଜନ ମହାପାତ୍ରଙ୍କୁ ସୁରକ୍ଷିତ ଭାବେ ଦେଶକୁ ଫେରାଇ ଆଣିବା ପାଇଁ ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ହସ୍ତକ୍ଷେପ କରିବା ସହ ଯଥାଶୀଘ୍ର ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ଏନେଇ ସେ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଚିଠି ଲେଖିଛନ୍ତି। ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ, ଜଗତସିଂହପୁର ଜିଲ୍ଲାର ପ୍ରଳୟ ରଞ୍ଜନ ମହାପାତ୍ର ଗତ ୨୦୨୪ ମଇ ୨୪ ତାରିଖରେ ସାଉଦି ଆରବ ଯାଇଥିଲେ । ସେଠାରେ ସେ 'ମଜାଦ୍ ଅଲ୍-ହରବି' କୋ. ନାମକ ଏକ କମ୍ପାନୀରେ ହୁଇଲ୍ ଲୋଡର୍ ଡ୍ରାଇଭର ଭାବେ କାମ କରୁଥିଲେ । ତେବେ ୨୦୨୬ ଏପ୍ରିଲ୍ ୩୦ ତାରିଖରେ ଉକ୍ତ କମ୍ପାନୀ ସହ ହୋଇଥିବା ଚୁକ୍ତିନାମା ଅବଧି ଶେଷ ହୋଇଥିଲା। କାର୍ଯ୍ୟ ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ସମ୍ପୃକ୍ତ କମ୍ପାନୀ ପ୍ରଳୟଙ୍କୁ ଭାରତ ଫେରିବାକୁ ଅନୁମତି ଦେଉ ନଥିବା ନେଇ ପ୍ରଳୟଙ୍କ ମାଆ ପ୍ରତିମା ସେଠୀ ଅଭିଯୋଗ କରିଛନ୍ତି। ପ୍ରଳୟଙ୍କ ବାପା ସାଧୁ ଚରଣ ସେଠୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ, ଯାହା ପରିବାରର ମାନସିକ ଚିନ୍ତା ଆହୁରି ବଢ଼ାଇ ଦେଇଛି। ଏନେଇ ପ୍ରତିମା ମାନ୍ୟବର ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କୁ ଜଣାଇଥିଲେ। ସମ୍ପ୍ରତି ମନ୍ତ୍ରୀ ଶ୍ରୀସ୍ୱାଇଁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଚିଠି ଲେଖିଛନ୍ତି। ଏହି ମାମଲାରେ ତୁରନ୍ତ ହସ୍ତକ୍ଷେପ କରି ତାଙ୍କୁ ଯଥାଶୀଘ୍ର ସୁରକ୍ଷିତ ଦେଶକୁ ଫେରାଇ ଆଣିବା ପାଇଁ ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

# ବର୍ଷାରେ ବେହାଲ ଅନୁଗୋଳ :

## ଦିନକରେ ରେକର୍ଡ ୨୦୦ ମିମି ବର୍ଷା, ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ପ୍ରଭାବିତ



ଅନୁଗୋଳ,୧୮/୭(ନି/ପ୍ର): ପ୍ରବଳ ବର୍ଷାରେ ବେହାଲ ହୋଇଛି ଅନୁଗୋଳ ଜିଲ୍ଲା । ଗତକାଲିଠାରୁ ଲଗାଣ ବର୍ଷା ପାଇଁ ଜିଲ୍ଲାର ବହୁ ଅଂଚଳ ଜଳମଗ୍ନ ହୋଇଛି । ୫୫ ନମ୍ବର ଜାତୀୟ ରାଜପଥ ଉପରେ ବର୍ଷା ପାଣି ପ୍ରବାହିତ ହେବା କାରଣରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ତଳିଆ ଅଂଚଳରେ ପାଣି ପଶିବାରୁ ସାଧାରଣ ଜୀବନଯାତ୍ରା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି । ଅନୁଗୋଳ ଜିଲ୍ଲାରେ ବୁଧବାର ଅପରାହ୍ଣରୁ ବର୍ଷା ଆରମ୍ଭ ହୋଇଥିଲା । ରାତି ସାରା ବର୍ଷା ଲାଗି ରହିଥିଲା । ଆଉ ସକାଳୁ ପୁଣି ବର୍ଷା ଢାଳିଲା । ଆଜି ସକାଳ ସାଢ଼େ ୮ଟା ସୁଦ୍ଧା ଅନୁଗୋଳରେ ସର୍ବାଧିକ ୨୦୦.୬ ମିମି ବର୍ଷା ହୋଇଛି । ବଣ୍ଟରପାଳରେ ୭୩.୭ ମିମି, ଛେଣ୍ଡିପଦାରେ ୬୭.୪ ମିମି, ତାଳଚେରରେ ୧୯୫ ମିମି, କଣିହାଁରେ ୮୭.୪ ମିମି, ଆଠମଲ୍ଲିକରେ ୧୦୬.୨ ମିମି, କିଶୋରନଗର ୮୨.୮ ମିମି ଓ ପାଲଲହଡ଼ାରେ ୨୯.୪ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ପ୍ରବଳ ବର୍ଷା ପାଇଁ ଆଜି ସକାଳୁ ଜିଲ୍ଲାର ବିଭିନ୍ନ ଅଂଚଳ ଜଳମଗ୍ନ ହୋଇ ଯାଇଥିଲା । ଅନୁଗୋଳ ସହରର ଗାନ୍ଧୀମାର୍ଗ ରାସ୍ତାରେ ୨ ଫୁଟ ପାଣି ଚାଲିବାରୁ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା । ସେହିପରି ଶଙ୍କର ସିନେମାରୋଡ୍, ବଣିଆବାହାଳ ରାସ୍ତାରେ ପାଣି ଜମି ରହିଥିଲା । ତୁବେ ନିକଟରେ ୫୫ ନମ୍ବର ଜାତୀୟ ରାଜପଥ ଉପରେ ପାଣି ଚାଲିଥିଲା । ଏପଟେ ଜିନ୍ଦଲ ରୋଡ୍‌ରେ ଓଭରବ୍ରିଜ୍ ତଳେ ପାଣି ଜମି ଏକାଧିକ ଟ୍ରକ ପାଣିରେ ବୁଡ଼ି ଯାଇଥିଲା । ତାଳଚେର ଅଂଚଳରେ ଏକାଧିକ ରାସ୍ତା ଜଳମଗ୍ନ ହୋଇଥିଲା । ବାଘୁଆବୋଲରୁ ଗାନ୍ଧୀଛକ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର କିଛି ଅଂଶ ବୁଡ଼ିଯିବାରୁ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା । ତାଳଚେର ବ୍ଲକ୍ ଟେଟାଂଲୋଇ ପଚାଂୟତର ଭଞ୍ଜ କଲୋନିରେ ପାଣି ପଶିବାରୁ ୨୦ଟି ପରିବାର ଜଳବନ୍ଦି ହୋଇଛନ୍ତି । ବାଘୁଆବୋଲର ପେଟ୍ରୋଲ୍ ଟାଙ୍କି ସମ୍ପୂର୍ଣ୍ଣ ବୁଡ଼ି ଯାଇଛି । ସେହିପରି ହାଣ୍ଡିଧୁଆ ରେଳ ଅଣ୍ଡରପାସ୍ ଠାରେ ମଧ ୩ ଫୁଟ ପାଣି ଚାଲୁଛି । ଚମ୍ପାପଶି ରାସ୍ତାରେ ୨ ଫୁଟ ଉପରେ ପାଣି ଯାଉଛି । ୧୪୯ ନମ୍ବର ଜାତୀୟ ରାଜପଥରେ ମଧ ପାଣି ଜମି ରହିଥିଲା । କଣିହାଁ-ଗୋପାଳପ୍ରସାଦ ପୂର୍ତ୍ତ ବିଭାଗ ରାସ୍ତାର ସାନତ୍ରିବିଡ଼ା ଗାଁ ରାସ୍ତାରେ ଆଜି ସକାଳେ ୩ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଥିଲା ।

# କେନ୍ଦୁଝର ଜିଲ୍ଲା ଦିଶା ବୈଠକ : ସାଂସଦ ଅନନ୍ତ ନାୟକଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ ଯୋଜନାର ଅଗ୍ରଗତି ସମୀକ୍ଷା



କେନ୍ଦୁଝର, ୧୮/୭(ନି/ପ୍ର) :ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ନିରୀକ୍ଷଣ କମିଟି (ଦିଶା)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ଦିଶା କମିଟିର ଅଧ୍ୟକ୍ଷ ତଥା ମାନ୍ୟବର ସାଂସଦ କେନ୍ଦୁଝର ଶ୍ରୀ ଅନନ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ କେନ୍ଦ୍ରୀୟ ଓ ବିକାଶମୂଳକ ଯୋଜନାର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଛି ।ବୈଠକରେ ଜିଲ୍ଲାପାଳ ଶ୍ରୀ ସିଂହ କେନ୍ଦୁଝର ଜିଲ୍ଲାରେ ଗ୍ରାମୀଣ ବିକାଶ, ମନେରେଗା, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ବିଦ୍ୟୁତ ଓ ଡିଜିଟାଲ୍ ସେବା କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ଅଗ୍ରଗତି ଏବଂ ସଫଳତା ଉପରେ ଆଲୋକପାତ କରିଥିଲେ । ଏହି ବୈଠକରେ ବିଭିନ୍ନ ବିଭାଗର ପ୍ରମୁଖ ପ୍ରକଳ୍ପ, କାର୍ଯ୍ୟାନୁୟାନ ସମୀକ୍ଷା ଆଲୋଚନା କରାଯାଇଥିଲା । ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ ନିର୍ଣ୍ଣିତ କର୍ମ ନିଯୁକ୍ତି ଯୋଜନା ଅଧୀନରେ ଜିଲ୍ଲା ପାଇଁ ଧାର୍ଯ୍ୟ ହୋଇଥିବା ଶ୍ରମ ଦିବସ ଲକ୍ଷ୍ୟ ହାସଲ ଦିଗରେ ଦ୍ରୁତ କାର୍ଯ୍ୟ ଜାରି ରହିଛି । ଏଥିସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅଧୀନରେ ମଞ୍ଜୁରପ୍ରାପ୍ତ ହିତାଧିକାରୀଙ୍କ ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତ କରିବା ପ୍ରକ୍ରିୟାକୁ ଜୋରଦାର କରାଯାଇଛି । ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଏବଂ ସାଂସଦ ଆଦର୍ଶ ଗ୍ରାମ ଯୋଜନାରେ ଅନ୍ତର୍ଭୁକ୍ତ ବିଭିନ୍ନ ପ୍ରକଳ୍ପ ଏବେ ଶେଷ ପର୍ଯ୍ୟାୟରେ ପହଚିଂଛି । ଚାଷୀମାନଙ୍କର ଆର୍ଥିକ ଉନ୍ନତି ଓ ସହାୟତା ପାଇଁ ଜିଲ୍ଲାରେ ସଏଲ୍ ହେଲ୍‌ଥ କାର୍ଡ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଆତ୍ମା , ପ୍ରଧାନମନ୍ତ୍ରୀ କିସାନ ଏବଂ ଇ-ନାମ୍ ଭଳି କୃଷିଭିତ୍ତିକ ଯୋଜନାର ସଫଳ ରୂପାୟନ କରାଯାଉଛି । ଫସଲ ବୀମା ଓ ପ୍ରଧାନମନ୍ତ୍ରୀ କିସାନ ଯୋଜନା ମାଧ୍ୟମରେ ଜିଲ୍ଲାର ବହୁସଂଖ୍ୟକ ଚାଷୀ ସିଧାସଳଖ ଉପକୃତ ହୋଇପାରିଛନ୍ତି । ଗ୍ରାମ ପଚାଂୟତ ଉନ୍ନୟନ ଯୋଜନା, ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନ ଏବଂ ସ୍ୱଚ୍ଛ ଭାରତ ମିଶନ ଜରିଆରେ ଗ୍ରାମୀଣ ଭିତ୍ତିଭୂମି ଓ ପରିମଳ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯାଇଛି । 'ଜଳ ଜୀବନ ମିଶନ' ମାଧ୍ୟମରେ ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି । ସହରାଂଚଳରେ ଜଳ ଯୋଗାଣ ଏବଂ ଜଳର ପୁନଃଚକ୍ରଣକୁ ବ୍ୟବସ୍ଥିତ କରିବା ପାଇଁ 'ଅମୃତ ୨.୦' ଯୋଜନା ଉପରେ ଗୁରୁତ୍ୱ ଦିଆଯାଇଛି । ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ଏବଂ ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା ମାଧ୍ୟମରେ ସହରୀ ଗରିବ ଏବଂ ଉଠାଦୋକାନୀମାନଙ୍କୁ ଗୃହ ଓ ସହଜ ଋଣ ସହାୟତା ପ୍ରଦାନ କରାଯାଉଛି । ସମଗ୍ର ଶିକ୍ଷା ଯୋଜନା ଅଧୀନରେ ମଞ୍ଜୁର ହୋଇଥିବା ଶ୍ରେଣୀଗୃହ ଏବଂ ବାଳିକା ଶୌଚାଳୟ ଗୁଡ଼ିକର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଅବଶିଷ୍ଟ କାର୍ଯ୍ୟକୁ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ଜିଲ୍ଲାର ସମସ୍ତ ସ୍କୁଲ୍ ଛାତ୍ରଛାତ୍ରୀମାନଙ୍କୁ ସାମିଲ କରାଯାଇଛି । ଏହାସହ 'ଡିଜିଟାଲ୍ ଇଣ୍ଡିଆ' କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାର ବିଭିନ୍ନ ଗ୍ରାମ ପଚାଂୟତରେ ଜନସେବା କେନ୍ଦ୍ର ଗୁଡ଼ିକ ସଫଳତାର ସହ ଲୋକଙ୍କୁ ଡିଜିଟାଲ୍ ସେବା ଯୋଗାଇ ଦେଉଛନ୍ତି । ଏହି ଉଚ୍ଚସ୍ତରୀୟ ବୈଠକରେ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଘସିପୁରା ବିଧାୟକ ଶ୍ରୀ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଶ୍ରୀ ଅଖିଳ ଚନ୍ଦ୍ର ନାଏକ, ଆନନ୍ଦପୁର ବିଧାୟକ ଶ୍ରୀ ଅଭିମନ୍ୟୁ ସେଠୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ମମିତା ନାଏକ, ଜିଲ୍ଲାପାଳ ବିଶାଳ ସିଂହ, ଏବଂ କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ଶ୍ରୀମତୀ ନିକୁ ସାହୁ,ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଅନୁବ୍ରତ ବେହେରା, ମାନ୍ୟବର ବିଧାୟକ ଚମ୍ପୁଆଙ୍କ ପ୍ରତିନିଧି ସଞ୍ଜୀବ କୁମାର ବେହେରା, ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ନିର୍ବାଚନ ମଣ୍ଡଳୀର ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରଶାସନିକ ସ୍ତରରେ କେନ୍ଦୁଝର ଜିଲ୍ଲା ବନଖଣ୍ଡ ଅଧିକାରୀ ଶ୍ରୀ ଧନରାଜ ହନୁମନ୍ତ ଧାମଧେରେ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡିଏମଏଫ ରୀନା ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ନାଗାଭୂଷଣ,ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥା ସୁକାନ୍ତ ମାଝୀଙ୍କ ସମେତ ସମସ୍ତ ବ୍ଲକର ଅଧ୍ୟକ୍ଷ/ଅଧ୍ୟକ୍ଷା, ସରପଚଂ, ଦିଶା କମିଟିର ସଦସ୍ୟ ଏବଂ ଜିଲ୍ଲାର ସମସ୍ତ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ ଏହି ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ ।

# କେନ୍ଦୁଝରରେ ନିଆରା ପରମ୍ପରା : ଶିଆଳିଲତାର ଦଉଡ଼ିରେ ଟଣାହୁଏ ନନ୍ଦିଘୋଷ



କେନ୍ଦୁଝର,୧୮/୭(ନି/ପ୍ର): ଶ୍ରୀକ୍ଷେତ୍ର ପୁରୀଠାରୁ ଆରମ୍ଭ କରି ଦେଶର ବିଭିନ୍ନ ପ୍ରାନ୍ତରରେ ଆୟୋଜିତ ହେଉଥିବା ରଥଯାତ୍ରାରେ କତା ଦଉଡ଼ି ବ୍ୟବହାର ଏକ ସାଧାରଣ ପରମ୍ପରା । କିନ୍ତୁ କେନ୍ଦୁଝରର ପରମ୍ପରା ସମ୍ପୂର୍ଣ୍ଣ ଭିନ୍ନ । ଏଠାରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଜଙ୍ଗଲରୁ ସଂଗୃହୀତ ଶିଆଳିଲତାରେ ନିର୍ମିତ ଦଉଡ଼ିରେ ଟଣା ହେଉଛି । ଶିଆଳିଲତାର ଏହି ଦଉଡ଼ି କେବଳ ରଥ ଟାଣିବାର ଏକ ଉପକରଣ ନୁହେଁ, ଏହାସହ ଜଡ଼ିତ ରହିଛି ପୁରାଣ, ଆଦିବାସୀ ସଂସ୍କୃତି, ରାଜ ପରମ୍ପରା ଏବଂ ମହାପ୍ରଭୁଙ୍କ ପ୍ରତି ଅତୁଟ ଭକ୍ତିର ଇତିହାସ । ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଜଙ୍ଗଲରେ ଶିଆଳି ଲତାରେ ଖେଳୁଥିବାବେଳେ ଜରା ଶବରଙ୍କ ତୀରରେ ବିଦ୍ଧ ହୋଇ ଲୀଳା ସମାପ୍ତ କରିଥିଲେ । ସେହି ସ୍ମୃତିକୁ ଚିରସ୍ମରଣୀୟ ରଖିବା ପାଇଁ କେନ୍ଦୁଝରର ତତ୍କାଳୀନ ରାଜା ରଥଯାତ୍ରାରେ ମହାପ୍ରଭୁଙ୍କ ରଥକୁ ଶ୍ରୀକୃଷ୍ଣଙ୍କ ପ୍ରିୟ ଶିଆଳି ଲତାରେ ପ୍ରସ୍ତୁତ ଦଉଡ଼ିରେ ଟାଣିବାର ପରମ୍ପରା ଆରମ୍ଭ କରିଥିଲେ । ସେହି ସମୟରୁ ଭୂୟାଁ ଓ ଜୁଆଙ୍ଗ ଆଦିବାସୀ ସମ୍ପ୍ରଦାୟଙ୍କୁ ଏହି ଦାୟିତ୍ୱ ଅର୍ପଣ କରାଯାଇଥିଲା । ରାଜତନ୍ତ୍ର ସମୟରେ ରଥ ଟାଣିବା ପାଇଁ ୫ଟି ଦଉଡ଼ି ପ୍ରସ୍ତୁତ ହେଉଥିଲା । ସେଥିରୁ ତିନିଟି ଭୂୟାଁ ପିଢ଼ର ପ୍ରଜାମାନେ ଓ ଦୁଇଟି ଜୁଆଙ୍ଗ ପିଢ଼ର ଲୋକେ ଯୋଗାଉଥିଲେ । ଗଣତନ୍ତ୍ର ଶାସନ ଆସିବା ପରେ କିଛିବର୍ଷ ଧରି ଏହି ପରମ୍ପରା ବନ୍ଦ ରହିଥିଲା । ସ୍ଥାନୀୟ ଲୋକଙ୍କ ପ୍ରୟାସ ଓ ଜନଜାତି ସମ୍ପ୍ରଦାୟଙ୍କ ନିଷ୍ଠା ଯୋଗୁଁ ପୁଣିଥରେ ଶିଆଳି ଦଉଡ଼ିର ପରମ୍ପରା ଆରମ୍ଭ ହୋଇଥିଲା । ବର୍ତ୍ତମାନ ତିନିଟି ଦଉଡ଼ିରେ କେନ୍ଦୁଝରର ନନ୍ଦିଘୋଷ ରଥ ଟଣାଯାଉଛି । ଚାରିଗାଁ ଭୂୟାଁ ପିଢ଼ର ସର୍ଦ୍ଦାର କୁଞ୍ଜ ଦେହୁରୀଙ୍କ ନେତୃତ୍ୱରେ ଭୂୟାଁ ସମ୍ପ୍ରଦାୟର ଲୋକେ ଅକ୍ଷୟ ତୃତୀୟା ପରଠାରୁ ଜଙ୍ଗଲକୁ ଯାଇ ଉପଯୁକ୍ତ ଶିଆଳି ଲତା ସଂଗ୍ରହ କରନ୍ତି । ଏହି ସମୟରେ ବିଭିନ୍ନ ନୀତିନିୟମ ପାଳନ କରାଯାଏ । ଶିଆଳି ଲତାକୁ ଶୁଖାଯାଇ ଦଉଡ଼ି ପ୍ରସ୍ତୁତ କରାଯାଏ । ରଥଦାଣ୍ଡରେ ଦଉଡ଼ି ପହଚିଂବା ପରେ ଏହାକୁ ଦେବତାଙ୍କ ସମାନ ମର୍ଯ୍ୟାଦା ଦିଆଯାଏ । ବିଧିବଦ୍ଧ ମନ୍ତ୍ରୋଚ୍ଚାରଣ ମାଧ୍ୟମରେ ତିନୋଟି ଦଉଡ଼ିର ନାମକରଣ ଅନନ୍ତ, ବାସୁକୀ ଓ ମହାପଦ୍ମ କରାଯାଏ । ପୂଜାର୍ଚ୍ଚନା ପରେ ଏହି ଦଉଡ଼ିଗୁଡ଼ିକୁ ରଥରେ ସଂଯୋଗ କରାଯାଏ । ହଜାର ହଜାର ଭକ୍ତଙ୍କ ହାତରେ ମହାପ୍ରଭୁଙ୍କ ରଥ ଗଡ଼ିଥାଏ । ଆଦିବାସୀ ସମ୍ପ୍ରଦାୟ ପାଇଁ ଏହା କେବଳ ଏକ ପରମ୍ପରା ନୁହେଁ, ସେମାନଙ୍କ ଆଧାତ୍ମିକ ପରିଚୟର ଏକ ଅଂଶ । ଏ ସମ୍ପର୍କରେ ଗବେଷକ ନିରଞ୍ଜନ ବାରିକ କହିଛନ୍ତି, ଶିଆଳି ଲତାରେ ପ୍ରସ୍ତୁତ ଦଉଡ଼ିରେ ରଥ ଟାଣିବାର ପରମ୍ପରା କେନ୍ଦୁଝରର ସାଂସ୍କୃତିକ ସ୍ୱତନ୍ତ୍ରତାର ପ୍ରତୀକ । ଏହା କେବଳ ଧାର୍ମିକ ବିଶ୍ୱାସର କଥା ନୁହେଁ, ବରଂ ରାଜପରମ୍ପରା, ଆଦିବାସୀ ସଂସ୍କୃତି ଓ ଜଗନ୍ନାଥ ପରମ୍ପରାର ଏକ ଅପୂର୍ବ ସମନ୍ୱୟ । ଏଥର ମଧ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଶିଆଳି ଲତାର ଦଉଡ଼ି ରଥଦାଣ୍ଡରେ ପହଚିଂ ସାରିଛି । ନାମକରଣ ଓ ପୂଜା ପରେ ଏହା ମହାପ୍ରଭୁଙ୍କ ନନ୍ଦିଘୋଷ ରଥରେ ସଂଯୋଗ ହେବ । ଶତାବ୍ଦୀ ପୁରୁଣା ପରମ୍ପରାକୁ ସାଥୀ କରି ଶିଆଳିଲତାର ଦଉଡ଼ିରେ ଟଣାହେବ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ।

# ଧାମନଗର ବ୍ଲକରେ ଭକ୍ତି ଓ ଉତ୍ସାହର ସହ ଘୋଷଯାତ୍ରା

ଭଦ୍ରକ,୧୮/୭(ନି/ପ୍ର): ପବିତ୍ର ରଥଯାତ୍ରା ଅବସରରେ ଧାମନଗର ବ୍ଲକର ବିଭିନ୍ନ ପଂଚାୟତରେ ଗୁରୁବାର ଭକ୍ତିମୟ ପରିବେଶ ମଧ୍ୟରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଛି । ସକାଳୁ ବିଭିନ୍ନ ଜଗନ୍ନାଥ ମନ୍ଦିରରେ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ସମ୍ପନ୍ନ ହେବା ପରେ ଘଂଟ, ଘଂଟା ଓ ଶଙ୍ଖଧ୍ୱନି ମଧ୍ୟରେ ଶ୍ରୀଜିଉମାନଙ୍କୁ ପହଣ୍ଡି ବିଜେ କରାଯାଇ ରଥାରୂଢ଼ କରାଯାଇଥିଲା । 'ଜୟ ଜଗନ୍ନାଥ' ଧ୍ୱନିରେ ସମଗ୍ର ଅଂଚଳ ଭକ୍ତିମୟ ହୋଇଉଠିଥିଲା । ଦଇପୁର ପଂଚାୟତର ଠାକୁରପାଟଣା ଗ୍ରାମରେ ବ୍ଲକର ସର୍ବବୃହତ ତିନି ରଥରେ ଠାକୁରମାନଙ୍କ ବିଜେ ପରେ ଅପରାହ୍ଣରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଥିଲା । ସେହିପରି ନଦୀଗାଁର ପ୍ରାଚୀନ ଘୋଷଯାତ୍ରା ପରମ୍ପରା ଅନୁଯାୟୀ ଧୁମଧାମରେ ପାଳନ କରାଯାଇଥିଲା । ରାଧାବଲ୍ଲଭପୁର ପଂଚାୟତର ବନ୍ଧଟିଆ ଗ୍ରାମରେ ଏଥର ଘୋଷଯାତ୍ରା ୪୮ତମ ବର୍ଷରେ ପଦାର୍ପଣ କରିଥିବା ବେଳେ ଏହାକୁ ଦେଖିବା ପାଇଁ ବହୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । କୋଠାର, ଅସୁରାଳି, କଲ୍ୟାଣୀ, ଗୋବିନ୍ଦପୁର, ପଳିକିରି, ଅନହରପୁର, ଇଛଦା, ଭଗବାନପୁର, ଚୁଡ଼ାକୁଟି, ଦୋବଲ, ଦିହୁଡ଼ି ଆନନ୍ଦପୁର, ଗୋହିରାଟିକିରି, କରଦା ଓ ସୋହଡ଼ା ସମେତ ବିଭିନ୍ନ ଅଂଚଳରେ ମଧ ଘୋଷଯାତ୍ରା ଶ୍ରଦ୍ଧା ଓ ଉତ୍ସାହର ସହ ପାଳିତ ହୋଇଥିଲା । ଅନେକ ଗ୍ରାମରେ ପିଲାମାନଙ୍କ ଦ୍ୱାରା କୁନି ରଥ ଟଣା ଉତ୍ସବର ଅନ୍ୟତମ ଆକର୍ଷଣ ପାଲଟିଥିଲା । ଧାମନଗର ଏନ୍‌ଏସି ଅଂଚଳର ତାଳପଦା ଓ ଶ୍ୟାମପୁରରେ ମଧ ରଥଯାତ୍ରା ଭକ୍ତିଭାବର ସହ ପାଳିତ ହୋଇଥିଲା । ପୁରୀ ଶ୍ରୀକ୍ଷେତ୍ରର ଐତିହ୍ୟକୁ ଅନୁସରଣ କରି ବିଭିନ୍ନ ସ୍ଥାନରେ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥ ଟାଣିବା ପାଇଁ ଭକ୍ତମାନଙ୍କ ମଧ୍ୟରେ ଅପାର ଉତ୍ସାହ ଦେଖିବାକୁ ମିଳିଥିଲା । ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ଧାମନଗର ପୁଲିସ ପକ୍ଷରୁ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

# ଭଦ୍ରକରେ ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

ଭଦ୍ରକ,୧୮/୭(ନି/ପ୍ର):ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଆଜି ଭଦ୍ରକସ୍ଥିତ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ସମାରୋହରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବି ନାରାୟଣ ସାହୁ ଉପସ୍ଥିତ ରହି ଭଦ୍ରକ ଜିଲ୍ଲାରେ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ହେଉଥିବାରୁ ଆନନ୍ଦ ପ୍ରକାଶ କରିଥିଲେ । ସେମାନେ ବିପ୍ଳବୀ ଚକ୍ରଧର ବେହେରାଙ୍କ ତ୍ୟାଗ, ସଂଘର୍ଷମୟ ଜୀବନ ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଏବଂ ସମ୍ମାନନୀୟ ବକ୍ତା ଭାବେ ଚକ୍ରଧର ବେହେରା ସ୍ମୃତି କମିଟିର ସଭାପତି ବାସୁଦେବ ବାରିକ ଯୋଗଦେଇ କନିକା ପ୍ରଜା ଆନ୍ଦୋଳନର ମୁଖ୍ୟ ସୂତ୍ରଧର ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୀବନାଦର୍ଶ, ଦେଶପ୍ରେମ ଓ ସାମାଜିକ ଚେତନା ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଉପସ୍ଥିତ ଶ୍ରୋତାମାନଙ୍କୁ ଅନେକ ତଥ୍ୟ ପ୍ରଦାନ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଚକ୍ରଧର ବେହେରା ସ୍ମୃତି କମିଟିର ସମ୍ପାଦକ ଉପେନ୍ଦ୍ର ବାରିକ ଯୋଗଦେଇ ବିପ୍ଳବୀଙ୍କ ପିଲାବେଳ, ଦେଶପ୍ରେମ ଏବଂ ସ୍ୱାଧୀନତା ପ୍ରତି ତାଙ୍କର ଦୃଢ଼ ମାନସିକତା ଉପରେ ଗୁରୁତ୍ୱାରୋପ କରିଥିଲେ । ରାଜ୍ୟ ସ୍ତରୀୟ ଜୟନ୍ତୀ ଉପଲକ୍ଷେ ବିପ୍ଳବୀ ଚକ୍ରଧର ବେହେରାଙ୍କ ସ୍ୱାଧୀନତା ସଂଗ୍ରାମରେ ଅବଦାନ ଉପରେ ଭଦ୍ରକରେ ହାଇସ୍କୁଲ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଚରମ୍ପା ଉଚ୍ଚ ବିଦ୍ୟାଳୟର ଭାଗ୍ୟବତୀ ଖୁଂଟିଆ, ଜିଲ୍ଲା ସ୍କୁଲ, ଭଦ୍ରକର,ଶୀତଲ ମଲ୍ଲିକ ଏବଂ ଆର.ସି.ବି.ଏଲ. ଉଚ୍ଚ ବିଦ୍ୟାଳୟର ମନୀଷା ରାଣୀ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଗାନ୍ଧୀ ବାଳାଶ୍ରମର ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା ମଂଚ ପରିଚାଳନା କରିଥିବାବେଳେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଦ୍ରକରେ ବିଗୁଡୁଛି ଆଇନ-ଶୃଙ୍ଖଳା ପରିସ୍ଥିତି

## ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଦାବିପତ୍ର ଦେଲେ ବିଜେଡି ନେତୃତ୍ୱ

ଭଦ୍ରକ,୧୮/୭/(ନି/ପ୍ର): ଭଦ୍ରକ ଜିଲ୍ଲାରେ ଦିନକୁ ଦିନ ଆଇନ-ଶୃଙ୍ଖଳା ପରିସ୍ଥିତିର ଅବନତି ଘଟୁଥିବା ଅଭିଯୋଗ କରି ବିଜୁ ଜନତା ଦଳ (ବିଜେଡି)ର ଜିଲ୍ଲା ନେତୃତ୍ୱ ସୋମବାର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଜିଲ୍ଲାରେ ବଢୁଥିବା ମହିଳା ଓ ନାବାଳିକାଙ୍କ ଉପରେ ଅତ୍ୟାଚାର, ଦୁଷ୍କର୍ମ ଏବଂ ଦୁଷ୍କର୍ମ ଉଦ୍ୟମ ଘଟଣାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଦୋଷୀମାନଙ୍କ ବିରୋଧରେ ତୁରନ୍ତ ଓ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ବିଜେଡି ଜିଲ୍ଲା ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ କହିଛନ୍ତି ଯେ, ଭଦ୍ରକ ଜିଲ୍ଲାରେ ଆଇନ-ଶୃଙ୍ଖଳା ବ୍ୟବସ୍ଥା ଗୁରୁତର ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି । ମହିଳା ଓ ନାବାଳିକାମାନେ ନିଜକୁ ଅସୁରକ୍ଷିତ ମନେ କରୁଥିବା ବେଳେ ଅପରାଧୀମାନଙ୍କୁ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ସୁରକ୍ଷା ମିଳୁଥିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଏଭଳି ଘଟଣା ଜିଲ୍ଲାର ଭାବମୂର୍ତ୍ତିକୁ କ୍ଷୁଣ୍ଣ କରୁଥିବା ସେ ମତ ପ୍ରକାଶ କରିଛନ୍ତି । ନେତୃବୃନ୍ଦ ବିଶେଷ ଭାବେ ତିହିଡ଼ି ବ୍ଲକର ନନ୍ଦପୁରରେ ଜଣେ ଆଦିବାସୀ ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଥିବା ଘଟଣାକୁ ଉଲ୍ଲେଖ କରି କହିଛନ୍ତି ଯେ, ଏହି ଘଟଣା ସମଗ୍ର ରାଜ୍ୟରେ ଭଦ୍ରକ ଜିଲ୍ଲାକୁ ଲଜ୍ଜିତ କରିଛି । ଏହା ସହ ପୀଡିତାଙ୍କ ପରିବାରକୁ ଧମକ ଦିଆଯାଉଥିବା ଅଭିଯୋଗ ମଧ ଉଠିଛି । ଏପରି ସମ୍ବେଦନଶୀଳ ଘଟଣାରେ ପୀଡିତ ପରିବାରକୁ ସୁରକ୍ଷା ଯୋଗାଇବା ଓ ନିରପେକ୍ଷ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି । ଏହାଛଡ଼ା ସମ୍ପ୍ରତି ଜଣେ ଅଷ୍ଟମ ଶ୍ରେଣୀର ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମରୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରିଥିବା ଘଟଣାକୁ ନେଇ ମଧ ବିଜେଡି ନେତୃତ୍ୱ ଚିନ୍ତା ପ୍ରକାଶ କରିଛନ୍ତି । ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଜିଲ୍ଲା ପୋଲିସର କାର୍ଯ୍ୟଦକ୍ଷତା ଓ ଆଇନ-ଶୃଙ୍ଖଳା ପରିଚାଳନାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠୁଥିବା ସେମାନେ କହିଛନ୍ତି । ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ କହିଛନ୍ତି ଯେ, ଚାନ୍ଦବାଲିଠାରୁ ଭଦ୍ରକ ସହରାଂଚଳ, ଗ୍ରାମାଂଚଳ, ଶିକ୍ଷାନୁଷ୍ଠାନ ଓ ସାର୍ବଜନୀନ ସ୍ଥାନ ସବୁଠି ମହିଳାଙ୍କ ସୁରକ୍ଷାକୁ ନେଇ ଗଭୀର ଆଶଙ୍କା ସୃଷ୍ଟି ହୋଇଛି । ଏଭଳି ପରିସ୍ଥିତିରେ ପୋଲିସ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି । ଏହି ପ୍ରତିନିଧି ଦଳରେ ବିଜୁ ମହିଳା ଜନତା ଦଳର ଜିଲ୍ଲା ସଭାପତି ବିଦ୍ୟୁତଲତା ନାୟକ, ଧାମନଗରର ପୂର୍ବତନ ବିଧାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ, ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ, ଭଦ୍ରକ ବ୍ଲକ ଉପାଧ୍ୟକ୍ଷ, ଜିଲ୍ଲା ଯୁବ ସଭାପତି, ଜିଲ୍ଲା ଛାତ୍ର ସଭାପତିଙ୍କ ସମେତ ବହୁ ବରିଷ୍ଠ ନେତୃମଣ୍ଡଳୀ ଉପସ୍ଥିତ ଥିଲେ । ଶେଷରେ ବିଜେଡି ନେତୃତ୍ୱ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଅନୁରୋଧ କରି କହିଛନ୍ତି ଯେ, ମହିଳା ଓ ଶିଶୁଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଅପରାଧୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଏହାଦ୍ୱାରା ସାଧାରଣ ଲୋକଙ୍କ ମନରେ ଆଇନ ବ୍ୟବସ୍ଥା ପ୍ରତି ଆସ୍ଥା ବୃଦ୍ଧି ପାଇବ ଓ ଜିଲ୍ଲାରେ ଶାନ୍ତି ଓ ସୁରକ୍ଷାର ପରିବେଶ ସୁନିଶ୍ଚିତ ।

# ହରିବୋଲ କ୍ଷେତ୍ରରୁ ମୋଡସାହି ମାଉସୀ ମା ମନ୍ଦିରକୁ ଗଡ଼ିଲା ତିନି ରଥ

ଭଦ୍ରକ,୧୮/୭(ନି/ପ୍ର):ଭଦ୍ରକଜିଲ୍ଲା କେଶପୁର ହରିବୋଲ କ୍ଷେତ୍ରରୁ ତିହିଡ଼ି ବ୍ଲକ ଗୁଆମାଳ ପଂଚାୟତ ଅଧୀନ ମୋଡ଼ସାହିସ୍ଥିତ ମାଉସୀ ମା ମନ୍ଦିରକୁ ତିନି ଠାକୁରଙ୍କ ରଥ ଗଡ଼ିଛି । ପବିତ୍ର ଘୋଷଯାତ୍ରାରେ ହରିବୋଲ କ୍ଷେତ୍ରରୁ ତିନୋଟି ରଥରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ନିଆଯାଇଥିଲା । ଜିଲ୍ଲାପାଳ ଡ଼. ଦିଲୀପ ରାଉତରାଏ ତିନି ରଥର ଛେରା ପହଁରା କରିଥିଲେ । ପୂର୍ବ ପରମ୍ପରା ଅନୁସାରେ ମା ସୁଭଦ୍ରା ରଥକୁ ମହିଳାମାନେ ଟାଣି ନେଇଥିଲେ ।ରଥ ଯାତ୍ରାରେ ଭକ୍ତ ଭଗବାନ ଏକାକାର ହୋଇଥିବା ବେଳେ ଘଂଟଘଂଟା ସହିତ ସହସ୍ରାଧିକ ଭକ୍ତଙ୍କ ଜୟ ଜଗନ୍ନାଥ ଧ୍ୱନିରେ ହରିବୋଲ କ୍ଷେତ୍ର ପ୍ରକମ୍ପିତ ହୋଇଥିଲା । ଗୁରୁବାର ସକାଳ ୬ଟାରେ ଶ୍ରୀମନ୍ଦିରରେ ଦ୍ୱାରପାଳ ପୂଜା ପରେ ସୂର୍ଯ୍ୟପୂଜା, ରଥ ସଂସ୍କାର, ଧ୍ୱଜା ରୋପଣ ଅନୁଷ୍ଠିତ ହୋଇଥିଲା ।ପରେ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ରଥକୁ ନିଆଯାଇଥିଲା ।ପୂର୍ବାହ୍ନ ୧୧ରେ ପହଣ୍ଡି ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଶ୍ରୀ ସୁଦର୍ଶନ, ପରେ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କୁ ପହଣ୍ଡି କରାଯାଇ ରଥାରୁଢ଼ କରାଯାଇଥିଲା । ମୁଖ୍ୟ ପୂଜକ ଜଗନ୍ନାଥ ପଣ୍ଡାଙ୍କ ସମେତ କଳ୍ପତରୁ ଉଦଗାତା, କେଶବ ପଣ୍ଡା, ଭାଗବତ ପଣ୍ଡା, ପ୍ରଶାନ୍ତ ମିଶ୍ର, ନିରଞ୍ଜନ ପଣ୍ଡା ପ୍ରମୁଖ ପହଣ୍ଡି କରିଥିଲେ । ପରେ ଭକ୍ତମାନେ ୩ ଠାକୁରଙ୍କୁ ଦର୍ଶନ କରି ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ । ମଧ୍ୟାହ୍ନରେ ଜିଲାପାଳ ଶ୍ରୀ ରାଉତରାଏଙ୍କୁ ଶୋଭାଯାତ୍ରାରେ ରଥ ପାଖକୁ ନିଆଯିବା ପରେ ସେ ୩ ରଥରେ ଛେରାପହଁରା କରିଥିଲେ ।ଅପରାହ୍ନରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ରଥ ପରିଚାଳନା କମିଟି ସଭାପତି ନଗେନ୍ଦ୍ର ପ୍ରସାଦ ଦାସ, ସମ୍ପାଦକ ପତିତପାବନ ପଣ୍ଡା, ସରୋଜ କୁମାର ପଣ୍ଡା, ଶ୍ରୀଧର ପୁହାଣ, ରବିନ୍ଦ୍ର ସାହୁ, ସନ୍ତୋଷ ନାୟକ, ସଞ୍ଜୟ ସାହୁ ଏବଂ ମୋଡସାହି ଶ୍ରୀଗୁଣ୍ଡିଚା ମନ୍ଦିର କମିଟି ସଭାପତି ଲକ୍ଷ୍ମୀକାନ୍ତ ଖୁଂଟିଆ, ସମ୍ପାଦକ ସନାତନ ଜେନା, କାର୍ଯ୍ୟକାରୀ ସଦସ୍ୟ ମନୋରଞ୍ଜନ ଖୁଂଟିଆ, ରବୀନ୍ଦ୍ର ପୃଷ୍ଟି, ଭରତ ଚନ୍ଦ୍ର ସାହୁ, ରବିନାରାୟଣ ସାମଲ, ପ୍ରମୋଦ କୁମାର ନାୟକ ପ୍ରମୁଖ ରଥ ଯାତ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଉତ୍କଳ ସମାଚାର

# ସମ୍ପାଦକୀୟ...

**ରବିବାର ୧୯ ଜୁଲାଇ ୨୦୨୬**

## ସକଳ ଧର୍ମ ଚେତନାରେ ମହାପ୍ରଭୁ

ପ୍ରାଚୀନତା ମୂର୍ତିତତ୍ୱ, ସେମାନଙ୍କର ଅବସ୍ଥିତ - ସର୍ବୋପରି ବିବିଧ ଯାତ୍ରା, ସକଳ ବିଷୟ ରହସ୍ୟାବୃତ। ସାଧାରଣ ବ୍ୟକ୍ତି ପକ୍ଷରେ ଏହାର ସୂକ୍ଷ୍ମାତିସୂକ୍ଷ୍ମ ଦର୍ଶନର ପରିଚୟ ପାଇବା ଏକ ଦୁରୂହ ବ୍ୟାପାର। ବେଦ ଉପନିଷଦ ଓ ସଂହିତାଦି ଶାସ୍ତ୍ରରେ ଏ ଧାମର ପବିତ୍ରତା ତଥା ପ୍ରାଚୀନତା ସମ୍ବନ୍ଧରେ ସଂକେତମାନ ରହିଛି। ଋକବେଦୀୟ ୧୦ମ ମଣ୍ଡଳର 'ଅଦୋ ଯଦ୍ଦାରୁ ପ୍ଲବତେ' ଶୀର୍ଷକ ସୂକ୍ତକୁ ପ୍ରସିଦ୍ଧ ବେଦର ଭାଷ୍ୟକର ଆଚାର୍ଯ୍ୟ ସାୟନ ପୁରୀ ଧାମର ଆରାଧ୍ୟ ଦେବତା ପୁରୁଷୋତ୍ତମ ଅର୍ଥରେ ହିଁ ଗ୍ରହଣ କରିଅଛନ୍ତି। ଅଥର୍ବ ବେଦରେ ପୁଣି ସେହି ମନ୍ତ୍ର ସାମାନ୍ୟ ପରିବର୍ତନ ସହ ଲିପିବଦ୍ଧ ହୋଇଅଛି। 'ସାକ୍ଷାତ ବୈକୁଣ୍ଠରୂପଂ ତତକ୍ଷେତ୍ରଂ ଶ୍ରୀପୁରୁଷୋତ୍ତମ, କ୍ଷେତ୍ରାଣାମ୍ ଅପି କ୍ଷେତ୍ରଂ ଚ ତୀଥନାମପି, ଯଦବରମ୍।' ଯୁଗେ ଯୁଗେ ପାବକତ୍ୱର ମହାମହିମାରେ ଶ୍ରୀକ୍ଷେତ୍ର ତୀର୍ଥରାଜର ଗୌରବ ଲାଭ କରିଛି। କାରଣ ଏ କ୍ଷେତ୍ର ଦେବ ଦୁର୍ଲ୍ଲଭ, ସମସ୍ତ ତୀର୍ଥର ମୌଳିକତା ତୀର୍ଥରାଜ ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ପ୍ରକଟିତ। ଏହା କେବଳ ସମ୍ଭବ ହୋଇଛି ତୀର୍ଥ ଶିରୋମଣି ଜଗତର ନାଥ ଶ୍ରୀଜଗନ୍ନାଥଙ୍କ କୃପାରୁ। ତେଣୁ ଭାଗବତକାର ଯଥାର୍ଥରେ କହିଛନ୍ତି - 'ସକଳ ତୀର୍ଥ ଘେନି କରି, ନୀଳ କନ୍ଦରେ ବିଜେ ହରି।' ଜଗନ୍ନାଥ ମହାପ୍ରଭୁ ସମଗ୍ର ହିନ୍ଦୁ ସନାତନ ଜଗତର ପରମାରାଧ୍ୟ ଦେବତା ଓ ଅବତାରୀ ପୁରୁଷର ସାର୍ଥକ ବିଗ୍ରହ। ସେ ସର୍ବଧର୍ମ ମତବାଦ ସମନ୍ୱୟର ମହାନ ପ୍ରତୀକ। ସେ ଦାରୁଦେବତା ସେ ସନ୍ଥ ତୁଳସୀ ଦାସଙ୍କ ନୟନାଭିରାମ, ସେ ବୈଷ୍ଣବୀୟ ଦର୍ଶନରେ ବୃନ୍ଦାବନ ଚନ୍ଦ୍ରେଶ୍ୱର ଶ୍ରୀକୃଷ୍ଣ ଓ ରସବତୀ ରାଧିକାଙ୍କ ଘନଯୁଗଳ ବିଗ୍ରହ। ଶୈବ ବିଚାରରେ ସେ ଶିବ ବା ଭୈରବ। ଶାକ୍ତ ମତରେ ସେ ହେଉଛନ୍ତି ଗଣେଶ, ଜୀବ ମାନଙ୍କର ଜୀବନାଥ। ଏଣୁ ତାଙ୍କର ତତ୍ୱ ରୂପ ଓ ଦର୍ଶନ ମାନବ ଚିନ୍ତା ଓ ଚେତନାର ବହୁ ଉର୍ଦ୍ଧ୍ୱରେ। ପ୍ରତିବର୍ଷ ଆନ୍ଧ୍ରପ୍ରଦେଶର ପବିତ୍ର ତୀର୍ଥକ୍ଷେତ୍ର ତିରୁପତିଠାରେ ନୀଳାଦ୍ରୀରେ ଜଗନ୍ନାଥଙ୍କର ରଥୋତ୍ସବ ଭଳି ଶେଷାଦ୍ରିରେ ପ୍ରଭୁ ଭେଙ୍କଟନାଥଙ୍କର ମଧ ବ୍ରହ୍ମୋତ୍ସବ ନଅ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ। ଜଗନ୍ନାଥ ଏବଂ ତାଙ୍କ ମନ୍ଦିରର ଉତ୍ପତି, କ୍ରମବିଶକା, ନିର୍ମାଣବିଧି, ପୂଜାପର୍ବାଣ, ମହୋତ୍ସବ, ଦୈନନ୍ଦିନ ନୀତି, କ୍ଷେତ୍ର ମାହାତ୍ମ୍ୟ ଇତ୍ୟାଦି ବିଷୟରେ ଅନେକ ଉପାଖ୍ୟାନ ଯେଭଳି ଅନେକ ପୁରାଣ ଯଥା ସ୍କନ୍ଦ, ନୀଳାଦ୍ରି ମହୋତ୍ସବ, ପଦ୍ମ, ବାମଦେବ ସଂହିତା ପ୍ରଭୃତିରୁ ମିଳିଥାଏ, ଠିକ ସେହିଭଳି ପ୍ରଭୁ ଙ୍କେଟେଶ ତଥା ଭେଙ୍କଟାଚଳ ବା ଶେଷାଚଳଙ୍କର ଆବିର୍ଭାବ, ମାହାତ୍ମ୍ୟ, ଯାନିଯାତ୍ରା ବିଷୟରେ ସ୍କନ୍ଦ, ପଦ୍ମ ପ୍ରଭୃତି ବିଭିନ୍ନ ପୁରାଣରୁ ସମ୍ୟକ ସୂଚନା ମିଳିଥାଏ। ଏହି ପୌରାଣିକ ଉପାଖ୍ୟାନ ଅନୁସାରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ପରେ ଏହାର ପ୍ରତିଷ୍ଠା କାର୍ଯ୍ୟ ଯେଭଳି ଭଗବାନ ବ୍ରହ୍ମା ସ୍ୱୟଂ ସଂପାଦନ କରି ତାଙ୍କର ନବଦିନ ବ୍ୟାପୀ ରଥଯାତ୍ରା କରିବା ପାଇଁ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନିର୍ଦ୍ଦେଶ ଦେଇଥିଲେ, ଠିକ ସେହିଭଳି ଶେଷାଚଳ ବା ଭେଙ୍କଟେଶଙ୍କର ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସ୍ୱୟଂ ବ୍ରହ୍ମା ସଂପାଦନ କରି ତାଙ୍କର ନବଦିନ ବ୍ୟାପୀ ରଥଯାତ୍ରାର ପ୍ରବର୍ତ୍ତନ କରାଇଥିଲେ, ଯାହାକି, ଆଜି 'ବ୍ରହ୍ମୋତ୍ସବ' ବୋଲି କୁହାଯାଏ। ଏ ସଂପର୍କରେ ପ୍ରଫେସର ହରେକୃଷ୍ଣ ଶତପଥୀ ଯାହା କହନ୍ତି। ଜଗନ୍ନାଥଙ୍କର ରଥୋତ୍ସବ ଏକ ପର୍ବତ ନୀଳାଚଳ ବା ନୀଳାଦ୍ରିରେ ଯେଭଳି ଅନୁଷ୍ଠିତ ହୋଇଥାଏ, ଠିକ୍ ସେହିଭଳି ପ୍ରଭୁ ଭେଙ୍କଟନାଥଙ୍କର ରଥଯାତ୍ରା ମଧ୍ୟ ବ୍ରହ୍ମୋତ୍ସବ ନାମରେ ଅନ୍ୟ ଏକ ପବିତ୍ର ପର୍ବତ ତାମିଲ ଭାଷାରେ ତିରୁମଲ୍ଲ ତିରୁ ଅର୍ତ ଶ୍ରୀ ମଲ୍ଲଅର୍ଥ ପର୍ବତ। ଶେଷାଚଳ ବା ଶେଷାଦ୍ରିରେ ଅନୁଷ୍ଠିତ ହୋଇଥାଏ। ଜଗନ୍ନାଥଙ୍କ ରଥୋତ୍ସବ ଯେଭଳି ନଅ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ ଠିକ୍ ସେହିଭଳି ବ୍ରହ୍ମୋତ୍ସବ ମଧ ନଅ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ। ପୌରାଣିକ ଆଖ୍ୟାନ ଅନୁସାରେ ରଥଯାତ୍ରାର ପ୍ରବର୍ତ୍ତକ ଯେଉଁଭଳି ସ୍ୱୟଂ ବ୍ରହ୍ମା, ଠିକ ସେହିଭଳି ବ୍ରହ୍ମୋତ୍ସବର ଆଦିମ ପ୍ରବର୍ତ୍ତକ ମଧ ସ୍ୱୟଂ ବ୍ରହ୍ମା। ଏଠାରେ ଉଲ୍ଲେଖନୀୟ ଯେ ବର୍ତମାନ ଆନ୍ଧ୍ରପ୍ରଦେଶର ତିରୁପତି କ୍ଷେତ୍ର ବହୁତ ଦିନ ଧରି ତାମିଲନାଡୁର ଏକ ଅଂଶବିଶେଷ ଭାବରେ ରହିଥିଲା ଏବଂ ୧୯୫୬ ମସିହାରେ ସ୍ୱତନ୍ତ୍ର ଆନ୍ଧ୍ରପ୍ରଦେଶ ଗଠନ ପରେ ଏହାକୁ ଆନ୍ଧ୍ରରେ ମିଶାଇ ଦିଆଯାଇଥିଲା। ତେଣୁ ମନ୍ଦିରର ପୂଜା ପଦ୍ଧତି, ସଂସ୍କୃତି ଓ ପରମ୍ପରା ତଥା ତିରୁପତିର ଭାଷା, ଚଳଣି ଓ ପରମ୍ପରା ମଧ ତାମିଲନାଡୁର ପରମ୍ପରା ଦ୍ୱାରା ପ୍ରଭାବିତ ହୋଇଛି। ଜଗନ୍ନାଥ ହେଉଛନ୍ତି କ୍ଷର, ଅକ୍ଷର ବା ବିଦ୍ୟା ଓ ଅବିଦ୍ୟାର ନିୟାମକ। ସେଥିପାଇଁ ସେ ଲୋକଶ୍ରେଷ୍ଠ ବା ପୁରୁଷୋତ୍ତମ। ସେ ଅତୀତ, ବର୍ତମାନ ଓ ଭବିଷ୍ୟତର ସଂଯୋଗକାରୀ। ତାଙ୍କର ମହିମା ତ୍ରିପୁର ବ୍ୟାପ୍ତ। ବେଦଠାରୁ ପୁରାଣ ପର୍ଯ୍ୟନ୍ତ ଜଗନ୍ନାଥଙ୍କ ସଂପର୍କରେ ଯେଉଁ ଚମତ୍କାର ବର୍ଣ୍ଣନା ପରିଲକ୍ଷିତ ହୋଇଥାଏ, ସେଥିରୁ ତାଙ୍କର ଉତ୍ସ ଓ ବର୍ତିତ ରୂପ ସଂପର୍କରେ ସ୍ଥୂଳଧାରଣା ସୃଷ୍ଟି ହୋଇଥାଏ। ସେ ଯେଉଁ ଧାମରେ ବିଜେ କରିଛନ୍ତି ତାହା ଶ୍ରେଷ୍ଠ ଧାମ। ବ୍ରହ୍ମ ପୁରାଣରେ ଏହାକୁ ଶ୍ରେଷ୍ଠ ସ୍ଥାନ ଦିଆଯାଇଛି - 'ପୁରୁଷୋତମାତ୍ ପରଂକ୍ଷେତ୍ରଂ ନାସ୍ୟ ପୃଥିବୀତଳେ ଭୂସ୍ୱର୍ଗମିତି ବିଖ୍ୟାତଂ ଦେବାନାମପି ଦୁର୍ଲ୍ଲଭମ୍।' 'ତନ୍ତ୍ରଯାମଳ' ଗ୍ରନ୍ଥରେ ଜଗନ୍ନାଥଙ୍କୁ ବର୍ଣ୍ଣନା କରାଯାଇଛି - 'ଭାରତେ ଚୋହଳେ ଦେଶେ ଭୂସ୍ୱର୍ଗେ ପୁରୁଷୋତମେ, ଦାରୁରୂପୀ ଜଗନ୍ନାଥ ଭକ୍ତନାମଂଭୟପ୍ରଦଃ।।' ଏହିପରି ଏକ ମହାମହିମ ବିଶ୍ୱନିୟନ୍ତା ଦାରୁଦେବତା ଜଗନ୍ନାଥଙ୍କର କ୍ଷେତ୍ରରେ ଶ୍ରୀଗୁଣ୍ଡିଚା ରଥଯାତ୍ରାର ମାହାତ୍ମ୍ୟ ଅନନ୍ୟ ଭୂମିକା ନେଇଛି। 'ଗୁଣ୍ଡିଚା ମଣ୍ଡପଂ ଯାନ୍ତିଂ ଯେ ପଶ୍ୟନ୍ତି ରଥେ ସ୍ଥିତମ୍, କୃଷ୍ଣଂ, ବଳଂ ସୁଭଦ୍ରାଂ ଚ ତେ ଯାନ୍ତି ଭବନଂ ହରେଃ।' ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ବିରାଜିତ ରଥ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନରେ ସୃଷ୍ଟି ସକଳ ଦେବଦେବୀଙ୍କ ଠାରୁ ଆରମ୍ଭ କରି ଗ୍ରହ, ନକ୍ଷତ୍ର, ଗ୍ରହ, ରାଶି, ଗନ୍ଧର୍ବ, ଯକ୍ଷ ଏବଂ ହନୁମାନ, ଅର୍ଜ୍ଜୁନ ପରି ଶ୍ରେଷ୍ଠ ଭକ୍ତଗଣ ସ୍ଥାନ ପାଇଛନ୍ତି। କି ବାଳ, ବୃଦ୍ଧ, ବନିତା, ଜାତ, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସକଳ ଶ୍ରେଣୀର ଭକ୍ତବାଦ୍ୟ, ନୃତ୍ୟ, ଭକ୍ତିଗୀତ, ସଙ୍ଗୀତ, ହରିବୋଲ, ହୁଳହୁଳି ଧ୍ୱନିରେ ବଡ଼ଦାଣ୍ଡରେ ଜୟ ଜୟ ଜଗନ୍ନାଥ ଧ୍ୱନିରେ ମାଆ ଆନନ୍ଦରେ ରଥ ଟାଣି ନିଅନ୍ତି। ରଥର ଘର୍ଘର ଧ୍ୱନିରେ ଚଉଦଭୁବନ ପ୍ରକମ୍ପିତ ହୋଇଉଠେ। 'ଗୁଣ୍ଡିଚାଖ୍ୟାଂ ମହାତ୍ରାଂ ଯେ ପଶ୍ୟନ୍ତି ମୁଦାନ୍ୱିତାଃ, ସର୍ବପାପ ବିନିର୍ମୁକ୍ତାସ୍ତେ ଯାନ୍ତତି ଭବନଂ ମମ।।' ନବଦିନାତ୍ମିକା ରଥଯାତ୍ରା ଉପରେ ବହୁ ପ୍ରାଚୀନ କାଳରୁ ଶ୍ରୀଜଗନ୍ନାଥଙ୍କର ମହାତ୍ମ୍ୟ ଜନମାନସରେ ରହିଆସିଛି। ବ୍ରହ୍ମପୁରାଣ, ସ୍କନ୍ଦ ପୁରାଣ, ନାରଦ ପୁରାଣ, ବାମନ ପୁରାଣ, ସୂତ ସଂହିତାରେ ଏହା ସୁବିସ୍ତୃତ ବର୍ଣ୍ଣିତ ହୋଇଛି। ଗୀତାରେ ଭଗବାନ ପ୍ରକାଶ କରିଛନ୍ତି, 'ମୁଁ ଜଡ଼ସମୂହର ଅତୀତ, ଚେତନ ପଦାର୍ଥଅପେକ୍ଷା ଶ୍ରେଷ୍ଠ। ମୁଁ ବେଦ ଓ ପୁରାଣରେ ପୁରୁଷୋତମ ନାମରେ ଖ୍ୟାତ। ଶ୍ରୀକ୍ଷେତ୍ରରେ ଅନ୍ୟନାମ ପୁରୁଷୋତ୍ତମ କ୍ଷେତ୍ର ଓ ଅଧିଷ୍ଠିତ ଦେବତା ପୁରୁଷୋତ୍ତମ ନାମରେ ପ୍ରସିଦ୍ଧି ଲାଭ କରି ଅଛନ୍ତି।

## ଟ୍ରମ୍ପଙ୍କ ଫାଉଲ୍

ଟ୍ରମ୍ପଙ୍କର କାର୍ଯ୍ୟ ଯାହା ଶେଷରେ ହାସଲ କରିବା ପାଇଁ ଉଦ୍ଦିଷ୍ଟ, ତାହା ହେଲା 'ଜୋଗା ବନିତୋ' ବା 'ସୁନ୍ଦର ଖେଳ' ନାମରେ ପରିଚିତ ଫୁଟ୍‌ବଲ୍‌ର ଭାବମୂର୍ତ୍ତିକୁ କୁତ୍ସିତ କରିବା। କିନ୍ତୁ ମନେହୁଏ ଟ୍ରମ୍ପଙ୍କର ମୁକାବିଲା ପାଇଁ ଇନ୍‌ଫାଂଟିନୋଙ୍କର ମେରୁଦଣ୍ଡ ନ ଥିବାବେଳେ, ଫୁଟ୍‌ବଲ୍‌କୁ କିନ୍ତୁ ନିଜର ମହତ ରକ୍ଷା କରିବାର ଉପାୟ ଜଣା ଅଛି: ଫୋଲାରିନ୍ ବାଲୋଗନ୍ ଖେଳିବା ସତ୍ତ୍ୱେ ଆମେରିକା ବେଲ୍‌ଜିଅମ୍ ଠାରୁ ୧-୪ ଗୋଲ୍‌ରେ ଶୋଚନୀୟ ଭାବରେ ପରାସ୍ତ ହୋଇଛି! ଉତର ଆମେରିକାରେ ବର୍ତମାନ ଆୟୋଜିତ ହୋଇ ଆଗେଇ ଚାଲିଥିବା ଫୁଟ୍‌ବଲ୍ ଓ୍ୱାର୍ଲଡ କପ୍ ଟୁର୍ନାମେଣ୍ଟ ସମଗ୍ର ପୃଥିବୀବାସୀଙ୍କୁ ସମ୍ମୋହିତ କରି ରଖିଛି। ସେମାନଙ୍କୁ କେବଳ ଆର୍ଜେଣ୍ଟିନା କିମ୍ବା ଫ୍ରାନ୍ସ କିମ୍ବା ବ୍ରାଜିଲ୍ ପରି ପୃଥିବୀର ଛାମୁଆଁ ଫୁଟ୍‌ବଲ୍ ଶକ୍ତି ରୂପେ ପରିଚିତ ଦେଶର ଖେଳାଳିମାନଙ୍କର ପ୍ରଦର୍ଶନ ଯେ ଉଚ୍ଚାଟିତ କରିବାରେ ଲାଗିଛି, ତାହା ନୁହେଁ, କେପ୍ ଭର୍ଡି କିମ୍ବା କୁରାକାଓ ପରି କ୍ଷୁଦ୍ରାତିକ୍ଷୁଦ୍ର ତଥା ଅନାମଧେୟ ଦେଶର ଟିମ୍‌ମାନଙ୍କର ଖେଳ ମଧ ସେମାନଙ୍କୁ ମନ୍ତ୍ରମୁଗ୍ଧ କରି ତୋଳିଛି। ଉଦାହରଣ ସ୍ୱରୂପ କେପ୍ ଭର୍ଡି ଯେତେବେଳେ ୟୁରୋପୀୟ ଚାମ୍ପିଅନ୍ ସ୍ପେନ୍‌କୁ ଏକ ଡ୍ର'ରେ ସନ୍ତୁଷ୍ଟ ରହିବାକୁ ବାଧ କଲା, ତାହା ଫୁଟ୍‌ବଲ୍ ଜଗତରେ ଯେଉଁ ଚାଂଚଲ୍ୟ ସୃଷ୍ଟି କରିଥିଲା, ତାହା ଏବେ ମଧ ପ୍ରଶମିତ ହୋଇନାହିଁ। ଏହା ସମ୍ଭବ ହେବାର କାରଣ ହେଲା- ଅନ୍ୟ ସମସ୍ତ ଖେଳ ଭଳି ଫୁଟ୍‌ବଲ୍ ଖେଳ ମଧ କେତେକ ବିଧିବଦ୍ଧ ନିୟମ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ ଏବଂ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏଇ ନିୟମମାନ ସବୁ ଖେଳାଳିମାନଙ୍କ ପ୍ରତି ସମାନ ଭାବରେ ଲାଗୁ ହୋଇଥାଏ। ଏକ ନିର୍ଦ୍ଦିଷ୍ଟ ଦିନରେ ଯେଉଁ ଖେଳାଳି ସେଇ ନିୟମମାନଙ୍କର ଗଣ୍ଡି ଭିତରେ ରହି ଉତମ ଖେଳ ପ୍ରଦର୍ଶନ କରିଥାନ୍ତି, ସେ ହିଁ ସଫଳତା ହାସଲ କରିଥାନ୍ତି। ଖେଳପଡ଼ିଆରେ ଏଇ ନିୟମମାନଙ୍କର ଅନୁପାଳନ ନିର୍ଣ୍ଣିତ କରିବାର ଦାୟିତ୍ୱ ନ୍ୟସ୍ତ ହୋଇଥାଏ ରେଫରିଙ୍କ ଉପରେ, ଯାହାଙ୍କ ଦୃଷ୍ଟିରେ ପ୍ରତ୍ୟେକ ଖେଳାଳି ହୋଇଥାନ୍ତି ସମାନ- ଜଣେ ଖେଳାଳିଙ୍କୁ କୌଣସି ନିୟମ ଉଲ୍ଲଂଘନ ପାଇଁ ଦଣ୍ଡିତ କଲାବେଳେ ସେ ସଂପୃକ୍ତ ଖେଳାଳିଙ୍କର ଖ୍ୟାତି କିମ୍ବା ଜାତୀୟତା କିମ୍ବା ରାଜନୈତିକ ସଂପର୍କ ଦ୍ୱାରା ପ୍ରଭାବିତ ହୋଇ ନଥାନ୍ତି। ଏବେ କିନ୍ତୁ ଚଳିତ ଟୁର୍ନାମେଣ୍ଟର ଅନ୍ୟତମ ଆୟୋଜକ ଦେଶ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କୂଟନୀତି ଓ ଆନ୍ତର୍ଜାତିକ ବାଣିଜ୍ୟ ଆଦି କ୍ଷେତ୍ରରେ ପୃଥିବୀରେ ଦୀର୍ଘ କାଳ ଧରି କାର୍ଯ୍ୟ କରି ଆସୁଥିବା ନୀତିନିୟମଭିତ୍ତିକ ବ୍ୟବସ୍ଥାର ଧ୍ୱଂସ ସାଧନ କରିବା ପରେ ବର୍ତମାନ ଖେଳକସରତ କ୍ଷେତ୍ରରେ ଅନୁପ୍ରବେଶ କରି ଫୁଟ୍‌ବଲ୍‌ର ଏଇ ମୌଳିକ ନିୟମକୁ ପାଦରେ ଦଳିଦେଇ ଫୁଟ୍‌ବଲ୍‌ର ସର୍ବୋଚ୍ଚ ନିୟନ୍ତ୍ରକ ସଂଗଠନ 'ଫିଫା' ଠାରୁ ନିଜ ଦେଶର ଜଣେ ଖେଳାଳିଙ୍କ ସପକ୍ଷରେ ଏକ ନିଷ୍ପତି ଆଦାୟ କରିବାରେ ସଫଳ ହୋଇଛନ୍ତି। ଆମେରିକାର ସେଇ ଚର୍ଚ୍ଚିତ ଖେଳାଳି ହେଉଛନ୍ତି ଫୋଲାରିନ୍ ବାଲୋଗନ୍। ବୋସନିଆ ବିପକ୍ଷରେ ଏକ ମ୍ୟାଚ୍‌ରେ ପ୍ରତିପକ୍ଷର ଜଣେ ଖେଳାଳିଙ୍କୁ ଫାଉଲ୍ ମାରିବା ଯୋଗୁଁ ତାଙ୍କୁ ରେଫରି ରେଡ୍ କାର୍ଡ ଦେଖାଇଥିଲେ ଓ 'ଭିଏଆର୍' ଦ୍ୱାରା ସମୀକ୍ଷା କରାଯିବା ପରେ ତାଙ୍କୁ ପରବର୍ତୀ ଗୋଟିଏ ମ୍ୟାଚ୍‌ରୁ ନିଲମ୍ବିତ କରାଯାଇଥିଲା। ଏଇଠି ପ୍ରବେଶ କରନ୍ତି ଟ୍ରମ୍ପ। ପୃଥିବୀର ସର୍ବାଧିକ ଶକ୍ତିଶାଳୀ ବ୍ୟକ୍ତି ଆମେରିକାର ରାଷ୍ଟ୍ରପତି 'ଫିଫା'ର ସଭାପତି ଜିଆନି ଇନ୍‌ଫାଂଟିନୋଙ୍କୁ ଟେଲିଫୋନ୍ କରି ଏ ସଂପର୍କରେ ପ୍ରତିବାଦ କରିବା ମାତ୍ରେ 'ଫିଫା' ବାଲୋଗନ୍‌ଙ୍କ ନିଲମ୍ବନକୁ ତତ୍‌କ୍ଷଣାତ୍ ପ୍ରତ୍ୟାହାର କରିଦେଇଛି। ଏଠାରେ ଉଲ୍ଲେଖ ପ୍ରୟୋଜନ ଯେ ଡୋନାଲ୍ଡ ଟ୍ରମ୍ପଙ୍କ ନିକଟରେ ଇନ୍‌ଫାଂଟିନୋଙ୍କର ଏହା ପ୍ରଥମ ଆତ୍ମସମର୍ପଣ ନୁହେଁ। ଏଥିପୂର୍ବରୁ ଏକ ସଂପୂର୍ଣ୍ଣ ଅଭାବିତ ପଦକ୍ଷେପ ନେଇ ଡିସେମ୍ବର ୨୦୨୫ରେ 'ଫିଫା' ତରଫରୁ ଇନ୍‌ଫାଂଟିନୋ ଡୋନାଲ୍ଡ ଟ୍ରମ୍ପଙ୍କୁ ଏକ ଶାନ୍ତି ପୁରସ୍କାର ପ୍ରଦାନ କରିଥିଲେ, ଯାହାକୁ ନୋବେଲ୍ ଶାନ୍ତି ପୁରସ୍କାର ଲାଭ କରିବାରେ ବିଫଳ ହୋଇ ପାଗଳପ୍ରାୟ ହେଉଥିବା ଟ୍ରମ୍ପ ସାଦରେ ଗ୍ରହଣ କରିଥିଲେ। ଏଭଳି ଏକ ଶାନ୍ତି ପୁରସ୍କାର ଥିଲା ସଂପୂର୍ଣ୍ଣ ରୂପେ ଇନ୍‌ଫାଂଟିନୋଙ୍କର ନିଜସ୍ୱ ଉଦ୍ଭାବନ। ଟ୍ରମ୍ପଙ୍କର ସେଇ ତୋଷାମଦକାରୀ ଇନ୍‌ଫାଂଟିନୋ ବର୍ତମାନ ଟ୍ରମ୍ପଙ୍କ ନିର୍ଦ୍ଦେଶ ପାଳନ କରି ବାଲୋଗନ୍‌ଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିନେବାରେ ତେଣୁ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। କିନ୍ତୁ ଖେଳକୁଦ ଦୁନିଆରେ ବେଳେବେଳେ ଏପରି ଏକ ମୁହୂର୍ତର ଆବିର୍ଭାବ ଘଟିଥାଏ, ଯେତେବେଳେ ସ୍କୋରବୋର୍ଡରେ ପ୍ରଦର୍ଶିତ ଫଳାଫଳ ତା'ର ଗୁରୁତ୍ୱ ହରାଇ ବସିଥାଏ ଏବଂ ଯାହା ସର୍ବାଧିକ ଗୁରୁତ୍ୱ ବହନ କରିଥାଏ, ତାହା ହେଲା ପ୍ରତିଯୋଗିତାରେ ଖେଳର ନିୟମମାନଙ୍କର ପବିତ୍ରତା ଅକ୍ଷୁଣ୍ଣ ରହିଛି କି ନାହିଁ। ଡୋନାଲ୍ଡ ଟ୍ରମ୍ପଙ୍କ ନିକଟରେ ନତମସ୍ତକ ହୋଇ 'ଫିଫା' ବାଲୋଗନ୍‌ଙ୍କ ପ୍ରତି କରିଥିବା ଅନୁଗ୍ରହ ପ୍ରଦର୍ଶନ ହେଉଛି ସେଇଭଳି ଏକ ମୁହୂର୍ତ। ପୂର୍ବରୁ କୁହାଯାଇଥିବା ଭଳି ପ୍ରତ୍ୟେକ ଖେଳାଳି ପ୍ରତି ନିୟମ ସମାନ ଭାବରେ ଲାଗୁ ହେବା ହେଉଛି ଫୁଟ୍‌ବଲ୍‌ର ବିଶ୍ୱବ୍ୟାପୀ ଆକର୍ଷଣର ମୂଳାଧାର। 'ଫିଫା'ର କାର୍ଯ୍ୟ ଫୁଟ୍‌ବଲ୍‌ର ସେଇ ମୂଳ ଭିତିକୁ ଦୋହଲାଇ ଦେଇଛି। ପୃଥିବୀରେ ସମସ୍ତ ପ୍ରକାର କ୍ରୀଡ଼ା ପ୍ରତିଯୋଗିତାର ଏକ୍ତୁଡ଼ିଶାଳ ରୂପେ ବିବେଚିତ ପ୍ରାଚୀନ ଗ୍ରୀସ୍‌ରେ ଅନୁଷ୍ଠିତ ଅଲିମ୍ପିକ୍ସ ପ୍ରତିଯୋଗିତା ଏଇ ସାମ୍ୟବାଦୀ ନିୟମ ଉପରେ ଆଧାରିତ ଥିଲା। ଗ୍ରୀକ୍‌ମାନେ ଏଇ ସମାନତା ନିୟମର ନାମକରଣ କରିଥିଲେ- 'ଆଇସୋନୋମିଆ', ଯାହାର ଅର୍ଥ ହେଲା: ସର୍ବସହମତ ନିୟମ ଆଗରେ ସମସ୍ତେ ସମାନ। ଅଲିମ୍ପିକ୍ସରେ ଅଂଶଗ୍ରହଣ କରୁଥିବା ଧନୀ ନଗର ରାଷ୍ଟ୍ର (ସିଟି ଷ୍ଟେଟ୍) ଓ ଗରିବ ନଗର ରାଷ୍ଟ୍ରମାନଙ୍କ ପ୍ରତି ପ୍ରତିଯୋଗିତାର ନିୟମମାନ ସମାନ ଭାବରେ ଲାଗୁ ହେଉଥିଲା। ସେଠାରେ ଶକ୍ତିଶାଳୀ ରାଷ୍ଟ୍ର ଆମେରିକାକୁ ତୁଷ୍ଟ କରିବା ପାଇଁ ପ୍ରତିଯୋଗିତାର ଆୟୋଜକମାନେ ଦୁର୍ବଳ ରାଷ୍ଟ୍ର ବୋସନିଆ ବିରୁଦ୍ଧରେ ନିଷ୍ପତି ଗ୍ରହଣ କରନ୍ତେ ନାହିଁ। ଉଭୟ ଖେଳାଳି ଓ ଦର୍ଶକମାନେ ଭଲ ରୂପେ ଜାଣନ୍ତି ଯେ ପ୍ରତ୍ୟେକ ଖେଳ କେତେକ ମନୁଷ୍ୟସୃଷ୍ଟ ନିୟମ ଦ୍ୱାରା ବନ୍ଧା ହୋଇଥାଏ। ଜଣେ ଖେଳାଳି ଯେତେବେଳେ ପଡ଼ିଆକୁ ଓହ୍ଲାଇଥାଏ, ସେ ଜାଣିଥାଏ ଯେ ତା'ର ସ୍ୱାଧୀନତା ଏଇ ନିୟମମାନଙ୍କ ଦ୍ୱାରା ସୀମିତ ହୋଇଥାଏ। ଦାର୍ଶନିକ ବର୍ନାଡ ସୁଟ୍‌ସଙ୍କ ପ୍ରସିଦ୍ଧ ମନ୍ତବ୍ୟ ଅନୁସାରେ, ସ୍ୱେଚ୍ଛାରେ ଏଇ ସମସ୍ତ ପ୍ରତିବନ୍ଧକମାନଙ୍କୁ ଗ୍ରହଣ କରିବା ହେଉଛି କ୍ରୀଡ଼ାକସରତର ଅସଲ ପରିଚୟ। ବାଲୋଗନ୍ ଯେତେବେଳେ ଏଇ ନିୟମର ଉଲ୍ଲଂଘନ କଲେ, ସ୍ୱାଭାବିକ ଭାବରେ ସେ ସେଥିପାଇଁ ଧାର୍ଯ୍ୟ ଦଣ୍ଡ ପାଇବା ଉଚିତ। ତାଙ୍କର ଦେଶର ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଯୋଗୁଁ ଯଦି ତାଙ୍କୁ ଏହି ଦଣ୍ଡରୁ ଅବ୍ୟାହତି ଦିଆଯାଏ, ତାହା ପ୍ରତିଯୋଗିତାର ନ୍ୟାୟୋଚିତ ଚରିତ୍ର ସମ୍ବନ୍ଧରେ ସନ୍ଦେହ ସୃଷ୍ଟି କରିଥାଏ। ଏଥିରୁ ଏକ ଧାରଣା ସୃଷ୍ଟି ହୋଇଥାଏ ଯେ ଏକ ଟିମ୍‌ର ଖେଳାଳିମାନେ ପଡ଼ିଆରେ ଯେତେ କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶନ କରନ୍ତୁ ନା କାହିଁକି, ପ୍ରତିଯୋଗିତାର ଫଳାଫଳ ଶେଷରେ ନିର୍ଣ୍ଣିତ ହେବ ପଡ଼ିଆ ବାହାରେ ରହି ନିଜର ପ୍ରଭାବ ପ୍ରୟୋଗ କରୁଥିବା ଡୋନାଲ୍ଡ ଟ୍ରମ୍ପମାନଙ୍କ ଦ୍ୱାରା। ଟ୍ରମ୍ପଙ୍କର କାର୍ଯ୍ୟ ଯାହା ଶେଷରେ ହାସଲ କରିବା ପାଇଁ ଉଦ୍ଦିଷ୍ଟ, ତାହା ହେଲା 'ଜୋଗା ବନିତୋ' ବା 'ସୁନ୍ଦର ଖେଳ' ନାମରେ ପରିଚିତ ଫୁଟ୍‌ବଲ୍‌ର ଭାବମୂର୍ତ୍ତିକୁ କୁତ୍ସିତ କରିବା। କିନ୍ତୁ ମନେହୁଏ ଟ୍ରମ୍ପଙ୍କର ମୁକାବିଲା ପାଇଁ ଇନ୍‌ଫାଂଟିନୋଙ୍କର ମେରୁଦଣ୍ଡ ନ ଥିବାବେଳେ, ଫୁଟ୍‌ବଲ୍‌କୁ କିନ୍ତୁ ନିଜର ମହତ ରକ୍ଷା କରିବାର ଉପାୟ ଜଣା ଅଛି: ଫୋଲାରିନ୍ ବାଲୋଗନ୍ ଖେଳିବା ସତ୍ତ୍ୱେ ଆମେରିକା ବେଲ୍‌ଜିଅମ୍ ଠାରୁ ୧-୪ ଗୋଲ୍‌ରେ ଶୋଚନୀୟ ଭାବରେ ପରାସ୍ତ ହୋଇଛି! ଅନ୍ୟ ଭାବରେ କହିଲେ ଆମେରିକା ଟିମ୍‌ର ଅଦୃଶ୍ୟ ଦ୍ୱାଦଶ ଖେଳାଳି ରୂପେ ଡୋନାଲ୍ଡ ଟ୍ରମ୍ପ ଖେଳିଥିଲେ ହେଁ, ବେଲ୍‌ଜିଅମ୍ ତାଙ୍କୁ ଘାସ ଚଟାଇ ଦେଇଛି!

## ଅନେକ କାହାଣୀ !

ଅତୀତକୁ ନେଇ ଅନେକ ଦୃଷ୍ଟିକୋଣରୁ ଅନେକ କାହାଣୀ ଲେଖାଯାଇପାରେ; ଯେମିତି କାଶ୍ମୀର ଫାଇଲ୍‌ସ ବା କେରଳ ଫାଇଲ୍‌ସ ବା ଶତଲୁଜ! ଏହି ସରଳ କଥାଟିକୁ ବୁଝିବା ଓ ବୁଝାଇବାର ଆବଶ୍ୟକତା ରହିଛି; ଚଳଚ୍ଚିତ୍ରକୁ ନିଷେଧ କରିଦେବା ସମାଧାନର ସୂତ୍ର ନୁହେଁ ଓ ତାକୁ ନେଇ ରାଜନୀତି କରିବା ହେଉଛି ପରମ ଅବିମୃଶ୍ୟକାରିତା। ଗଲା ୩ ତାରିଖ ଦିନ ଏକ ଓଟିଟି ପ୍ଲାଟଫର୍ମରେ 'ଶତଲୁଜ' ନାମକ ସିନେମା ପ୍ରଦର୍ଶିତ ହେବାର ମାତ୍ର ଅଠଚାଳିଶ ଘଣ୍ଟା ମଧରେ ସେହି ଚ୍ୟାନେଲରେ ନିଖୋଜ ହୋଇଯିବା ଭଳି ଘଟଣା ତୀବ୍ର ବିବାଦକୁ ଜନ୍ମ ଦେଇଛି। ଉଲ୍ଲେଖ ରହୁ କି ୧୯୯୫ ମସିହାରେ, ପଞ୍ଜାବ ପୁଲିସ ଦ୍ୱାରା ସୁଖ୍ୟାତ ଶିଖ ମାନବ ଅଧିକାର କର୍ମୀ ଯଶଓ୍ୱନ୍ତ ସିଂହ ଖାଲଡ଼ାଙ୍କ ଅପହରଣ ଓ ହତ୍ୟା ହେଉଛି କାହାଣୀର ଭିତି, ଯାହାର ପୃଷ୍ଠଭୂମିରେ ରହିଛି ନବମ ଦଶକରେ ସମଗ୍ର ଦେଶକୁ ଥରାଇ ଦେଇଥିବା ଶିଖ ସନ୍ତ୍ରାସବାଦ ଏବଂ ତାହାର ବିଲୋପନର ନିର୍ମମ କାହାଣୀ। ତେବେ ଏହି ନିଷେଧ ଉଦ୍ୟମକୁ ନେଇ ସୃଷ୍ଟ ବିବାଦର କାରଣ ବିବିଧ; ଯେମିତି କି କୌଣସି କଳାତ୍ମକ ଅଭିବ୍ୟକ୍ତିକୁ ନିଷେଧ କରାଯିବାର ଔଚିତ୍ୟ, ଏଭଳି ଉଦ୍ୟମ ପଛରେ ଥିବା ସନ୍ଦିଗ୍ଧ ରାଜନୈତିକ ଅଭିସନ୍ଧି, ବିଷୟବସ୍ତୁର ସ୍ପର୍ଶକାତରତା ଦୃଷ୍ଟିରୁ ଏହି ଚଳଚ୍ଚିତ୍ର ନିର୍ମାଣ ପଛରେ ଥିବା ପ୍ରକୃତ ଉଦ୍ଦେଶ୍ୟ ଇତ୍ୟାଦି! କିନ୍ତୁ, ଯେଉଁ ମୂଳ ପ୍ରସଙ୍ଗଟି ଆଲୋଚନାର ବିଷୟ ହେବା କଥା, କିନ୍ତୁ ହେଉ ନାହିଁ, ତାହା ହେଲା ଅପ୍ରୀତିକର ଓ ବେଦନାଦାୟକ ଇତିହାସକୁ ଠିକଣା ଭାବେ ନିରୀକ୍ଷଣ କରିବା ସକାଶେ ପରିଷ୍କାର ଓ ପରିପକ୍ୱ ଦୃଷ୍ଟି ଆମ ନିକଟରେ ଅଛି କି? ୧୯୯୪ ମସିହା ବେଳକୁ ପଞ୍ଜାବରେ ଭୟାବହ ଖଲିସ୍ତାନୀ ଆତଙ୍କବାଦର ଅବସାନ ପ୍ରାୟ ଘଟିବାର ସଂକେତ ଦେଖାଇ ସାରିଥାଏ। ତା' ପର ବର୍ଷ, ଅର୍ଥାତ୍ ୧୯୯୫ ମସିହାରେ, ୪୩ ବର୍ଷ ବୟସ୍କ ଯଶଓ୍ୱନ୍ତ ସିଂହ ଖାଲଡ଼ା, ପଞ୍ଜାବର ତିନିଟି ପୌରାଂଚଳ (ଅମୃତସର, ମାଜିଥା ଓ ତରନ ତାରନ) ଶ୍ମଶାନରେ ଥିବା ନଥି ବା ରେଜିଷ୍ଟର ଏବଂ ଶବ ଦାହ ଲାଗି ବ୍ୟବହୃତ କାଠର ପରିମାଣ ଆଦି ଯାଂଚ କରି ଏହି ଉପସଂହାରରେ ପହଂଚନ୍ତି ଯେ, ସନ୍ତ୍ରାସବାଦର ତୀବ୍ରତମ ପର୍ଯ୍ୟାୟରେ ସେଠାରେ ଅନ୍ୟୂନ ୨୦୫୯ଟି ଅଚିହ୍ନା ଶବ ଦାହ କରାଯାଇଛି, ଯାହାର ହାରାହାରି ଆଧାରରେ ପୂରା ପଞ୍ଜାବ ସକାଶେ ତାଙ୍କ ହିସାବ କହିଥିଲା ଯେ ସର୍ବମୋଟ ଅଚିହ୍ନା ଶବ ସଂଖ୍ୟା ୨୫,୦୦୦ ହୋଇଥିବା ସମ୍ଭବ। ଏହାର ଇଙ୍ଗିତ ସ୍ପଷ୍ଟ ଯେ ସନ୍ତ୍ରାସବାଦ ନିୟନ୍ତ୍ରଣ କ୍ରମରେ ପଞ୍ଜାବ ପୁଲିସ ହାତରେ ନିର୍ବିଚାର ନର ସଂହାର କରାଯାଇଛି। ଅବଶ୍ୟ, ଜାତୀୟ ମାନବାଧିକାର କମିସନ ଏହି ମୃତ୍ୟୁ ସଂଖ୍ୟାକୁ ୨୦୯୬ ବୋଲି କହିଛନ୍ତି। ତେବେ ସେ ଯାହା ହେଉ, ଖାଲଡ଼ାଙ୍କ ଏଭଳି ଦାବି ଓ ନ୍ୟାୟ ଲାଗି ଅଭିଯାନ ପଞ୍ଜାବ ପୁଲିସକୁ ସୁନିଶ୍ଚିତ ଭାବେ ରୁଷ୍ଟ କରିଥିବ। ଏଭଳି ଏକ ସମୟରେ, ଅର୍ଥାତ୍ ୧୯୯୫, ଅଗଷ୍ଟ ୩୧ ତାରିଖରେ ଘଟିଯାଏ ଏକ ଆତ୍ମଘାତୀ ଆତଙ୍କବାଦୀ ଆକ୍ରମଣ, ଯେଉଁଥିରେ ପଞ୍ଜାବର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିୟନ୍ତ ସିଂହ ନିହତ ହୁଅନ୍ତି। ତା'ର ୫ ଦିନ ପରେ ଖାଲଡ଼ା ମଧ ନିଖୋଜ ହୋଇଯାଆନ୍ତି। ତିନି ଦିନ ପରେ ତାଙ୍କ ପତ୍ନୀଙ୍କ ଦ୍ୱାରା ଦାଖଲ 'ହେବିୟସ କର୍ପସ' ପିଟିସନ ପରେ ସୁପ୍ରିମ କୋର୍ଟଙ୍କ ଆଦେଶରେ ହୋଇଥିବା ସି.ବି.ଆଇ. ତଦନ୍ତରୁ ସ୍ପଷ୍ଟ ହୁଏ ଯେ କିଛି ପୁଲିସ କର୍ମଚାରୀ ଖାଲଡ଼ାଙ୍କୁ ଅପହରଣ କରି ହତ୍ୟା କରିଛନ୍ତି, ଯହିଁରେ ଦୋଷୀ ସାବ୍ୟସ୍ତ ଏହି ପୁଲିସ କର୍ମଚାରୀମାନେ ଏ ଯାବତ୍ ଆଜୀବନ କାରାବାସ ଭୋଗୁଛନ୍ତି। କହିବାରେ ସାମାନ୍ୟତମ ଦ୍ୱିଧା ନାହିଁ ଯେ ଯଶଓ୍ୱନ୍ତ ସିଂହ ଖାଲଡ଼ା ଜଣେ ଅସାମାନ୍ୟ ଭାବେ ସାହସୀ ଓ ସଂବେଦନଶୀଳ ବ୍ୟକ୍ତିତ୍ୱ, ଯିଏ ପୁଲିସର ଯଥେଚ୍ଛାଚାରକୁ ପ୍ରକାଶ୍ୟ କରିବାକୁ ଯାଇ ପ୍ରାଣବଳି ଦେଇଥିଲେ। କିନ୍ତୁ, ପ୍ରଶ୍ନ ମଧ ଉଠିଥାଏ ଯେ ଏହା କ'ଣ ସମଗ୍ର କାହାଣୀ? ଏଠାରେ ଗୁରୁତ୍ୱ ପାଇଥାଏ ଅତୀତକୁ ସଂଦର୍ଭରେ ରଖି ପରଖିବାର କୌଶଳ। ୧୯୮୧ ମସିହାରେ ପଞ୍ଜାବରେ ଖଲିସ୍ତାନୀ ଆତଙ୍କବାଦର ସୂତ୍ରପାତ ଘଟିଥିଲା, ଯାହାର ଭୟାବହତା ତୀବ୍ରତମ ସୋପାନରେ ପହଂଚିଥିଲା ୧୯୮୯ରୁ ୧୯୯୩ ମସିହା ମଧରେ, ଯହିଁରେ ପଞ୍ଜାବ ସତେ ଯେମିତି ଏକ ଗୃହ ଯୁଦ୍ଧକୁ ପ୍ରତ୍ୟକ୍ଷ କରୁଥିଲା। ଏଭଳି ସ୍ଥଳେ ସ୍ଥିତିକୁ ନିୟନ୍ତ୍ରଣାଧୀନ କରିବା ଲାଗି ଆସାମ କ୍ୟାଡରର ଆଇପିଏସ ଅଧିକାରୀ କେ.ପି.ଏସ. ଗିଲଙ୍କୁ ପଞ୍ଜାବ ପୁଲିସ ବାହିନୀର ମୁଖ୍ୟ ଭାବେ ଅବସ୍ଥାପିତ କରାଯାଇଥିଲା। କହିବା ଅନାବଶ୍ୟକ ଯେ ଏହି ନିଦାରୁଣ ସମୟରେ ସାଧାରଣ ପ୍ରଶାସନ ବ୍ୟବସ୍ଥା ଅସ୍ତିତ୍ୱ ହରାଇଥିଲା; କେବଳ ଉପସ୍ଥିତ ଥିଲେ ଦୁଇ ପକ୍ଷରେ ନିଘଂଚ ଭାବେ ଅସ୍ତ୍ର-ସଜ୍ଜିତ ପୁଲିସ ଓ ସନ୍ତ୍ରାସବାଦୀ ଏବଂ ସେମାନଙ୍କ ମଝିରେ ନିଷ୍ପେଷିତ ସାଧାରଣ ନାଗରିକ। ସେ ସମୟର ଭୟାବହତାର ଏକ ଧାରଣା ମିଳିପାରେ, ୧୯୮୯ରୁ ୧୯୯୨ ମସିହା ପର୍ଯ୍ୟନ୍ତ ଚାରି ବର୍ଷର ଅବଧିରେ ନିହତ ହୋଇଥିବା ନାଗରିକ, ପୁଲିସ ଓ ଆତଙ୍କବାଦୀଙ୍କ ସଂଖ୍ୟାରୁ; ଯାହା ହେଲା ଯଥାକ୍ରମେ ୧୧୬୮, ୨୧୬୭, ୨୫୯୧, ୧୫୧୮ (ନାଗରିକ); ୨୦୧, ୪୭୬, ୪୯୭, ୨୫୨ (ପୁଲିସ); ୭୦୩, ୧୩୨୦, ୨୧୭୭, ୨୧୧୩ (ସନ୍ତ୍ରାସବାଦୀ)। ୧୯୯୩ ମସିହାରୁ ଏହି ଭୀଷଣତା ହ୍ରାସ ପାଇବାର ସଂକେତ ଦିଶିଥିଲା ଏବଂ ୧୯୯୪ ମସିହାରେ ମୃତ ନାଗରିକଙ୍କ ସଂଖ୍ୟା ଥିଲା ମାତ୍ର ୨, ସନ୍ତ୍ରାସବାଦୀ ୧୨ ଏବଂ କୌଣସି ପୁଲିସ କର୍ମଚାରୀ ହତାହତ ହୋଇ ନ ଥିଲେ। ସେ ସମୟରେ ପଞ୍ଜାବକୁ ଅତି ନିକଟରୁ ଦେଖି ଖବର ଲେଖୁଥିବା ଶେଖର ଗୁପ୍ତା ବା ତବଲିନ ସିଂହଙ୍କ ଭଳି ପୁରୁଖା ସାମ୍ବାଦିକମାନେ କହିଥାଆନ୍ତି ଯେ ତତ୍କାଳୀନ ପଞ୍ଜାବର ଗଣମାଧମ, ଆକାଶବାଣୀ ଓ ଦୂରଦର୍ଶନ, ସ୍କୁଲ ଓ କଲେଜର ଶିକ୍ଷାର ବିଷୟ, ଛାତ୍ରୀମାନଙ୍କ ପୋଷାକ, ସର୍ବସାଧାରଣ ସ୍ଥାନରେ ଚାଲିଚଳଣ, ସିନେମା ଓ ମନୋରଂଜନ ଇତ୍ୟାଦି ଭଳି ସମସ୍ତ ବିଷୟ ସନ୍ତ୍ରାସବାଦୀଙ୍କ ନିର୍ଦ୍ଦେଶରେ ନିୟନ୍ତ୍ରିତ ହେଉଥିଲା, ଯାହାକୁ ଆଫଗାନିସ୍ତାନର 'ତାଲିବାନୀକରଣ' ସହିତ ତୁଳନା କରାଯାଇପାରେ। ସୁତରାଂ, ଏକ ଯୁଦ୍ଧ ସଦୃଶ ସ୍ଥିତିରେ ଆତଙ୍କବାଦର ମୂଳୋତ୍ପାଟନ ସକାଶେ ଅତ୍ୟନ୍ତ କଠୋର ପଦକ୍ଷେପର ଆବଶ୍ୟକତା ମଧ ଥିଲା, ଯହିଁରେ ସୁରକ୍ଷା ବଳର ଯଥେଚ୍ଛାଚାରିତାର ସମ୍ଭାବନା ମଧ ରହିଥାଏ; ଯେମିତି ପୁରସ୍କାର ବା ପଦୋନ୍ନତି ଲାଗି କେତେକ ପୁଲିସ ସାଧାରଣ ନାଗରିକଙ୍କୁ ଆତଙ୍କବାଦୀ ବୋଲି ଦର୍ଶାଇ ହତ୍ୟା କରିଥିଲେ। ଯଶଓ୍ୱନ୍ତ ସିଂହ ଖାଲଡ଼ା ଏଭଳି ଅବିଚାରିତ ମୃତ୍ୟୁର ଅନୁମାନ ଲଗାଇବାକୁ ଚାହିଁଥିଲେ। କିନ୍ତୁ, ଏହା ମଧ ସତ ଯେ ପୁଲିସ ଯଥେଚ୍ଛାଚାରିତା ବିଷୟ କହିବାକୁ ଉଦ୍ୟମ କରିଥିବା କଥନିକାରେ ସେହି ୧୭୪୬ (୧୯୮୧ରୁ ୧୯୯୬ ମଧରେ) ଜଣ ପୁଲିସ କର୍ମଚାରୀଙ୍କ ଉଲ୍ଲେଖ ନ ଥାଏ, ଯେଉଁମାନେ ନାଗରିକଙ୍କ ସୁରକ୍ଷା ସକାଶେ ସୈନିକଙ୍କ ଭଳି ଲଢ଼ି ପ୍ରାଣବଳି ମଧ ଦେଇଥିଲେ! 'ଶତଲୁଜ' ହେଉଛି ଯଶଓ୍ୱନ୍ତ ସିଂହ ଖାଲଡ଼ାଙ୍କ କାହାଣୀ। ସେହିଭଳି ପାତିଆଲା ନିକଟସ୍ଥ ରାଜପୁରା ସରକାରୀ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନିବଲ କାନ୍ତାଙ୍କୁ ନେଇ ମଧ ଅକୁହା କାହାଣୀଟିଏ ଅଛି, ଯାହା ଶେଖର ଗୁପ୍ତାଙ୍କ ଲିଖିତ ପଞ୍ଜାବ ଆତଙ୍କବାଦ ସଂବଳିତ ସମ୍ବାଦରେ ସ୍ଥାନ ପାଇଥିଲା। ତାହା ହେଲା, ସ୍କୁଲରେ ପଢୁଥିବା ଝିଅମାନେ ସ୍କର୍ଟ ପରିବର୍ତ୍ତେ ସାଲଓ୍ୱାର ପିନ୍ଧନ୍ତୁ ବୋଲି ସନ୍ତ୍ରାସବାଦୀଙ୍କ ଆଦେଶ ପରିପ୍ରେକ୍ଷୀରେ ମାତ୍ର କେଇ ଦିନର ମହଲତ ଲାଗି ବିନତି କରିଥିଲେ ନିବଲ କାନ୍ତା; କାରଣ ସେହି ସ୍କୁଲରେ ଅଧ୍ୟୟନରତା ବାଳିକାମାନଙ୍କ ଅତ୍ୟନ୍ତ ଦରିଦ୍ର ଅଭିଭାବକଙ୍କ ସକାଶେ ସହସା ନୂଆ ପୋଷାକ ତିଆରିବା ଅସମ୍ଭବ ଥିଲା। ଏହି ବିନତିର ଉତ୍ତରରେ ଆତଙ୍କବାଦୀଙ୍କ ଦୁଇଟି ଗୁଳି ତାଙ୍କୁ ବିଦ୍ଧ କରିଥିଲା। ସେହିଭଳି ଆଉ ଏକ ହୃଦୟ ବିଦାରକ ଅକୁହା କାହାଣୀ ଅଛି, ଯହିଁରେ ଗୃହସ୍ୱାମୀମାନେ ସେମାନଙ୍କ ପୋଷା କୁକୁରମାନଙ୍କୁ ବିଷ ଦେଇ ବା ଗୁଳି କରି ମାରି ଦେବାକୁ ବାଧ ହେଉଥିଲେ, କାରଣ ରାତିରେ ବିଚରଣ କରୁଥିବା ସନ୍ତ୍ରାସବାଦୀଙ୍କ ଲାଗି ପୋଷା କୁକୁରଙ୍କ ଭୁକା ଅସହନୀୟ ଥିଲା ଏବଂ ଯାହାର ପରିଣାମ ସ୍ୱରୂପ କୁକୁରର ମାଲିକମାନଙ୍କ ସକାଶେ ଅପେକ୍ଷା କରି ରହୁଥିଲା ବୁଲେଟ। କହିବାର ମର୍ମ ହେଲା ଅତୀତକୁ ନେଇ ଅନେକ ଦୃଷ୍ଟିକୋଣରୁ ଅନେକ କାହାଣୀ ଲେଖାଯାଇପାରେ; ଯେମିତି କାଶ୍ମୀର ଫାଇଲ୍‌ସ ବା କେରଳ ଫାଇଲ୍‌ସ ବା ଶତଲୁଜ! ଏହି ସରଳ କଥାଟିକୁ ବୁଝିବା ଓ ବୁଝାଇବାର ଆବଶ୍ୟକତା ରହିଛି; ଚଳଚ୍ଚିତ୍ରକୁ ନି?ଷେଧ କରିଦେବା ସମାଧାନର ସୂତ୍ର ନୁହେଁ ଓ ତାକୁ ନେଇ ରାଜନୀତି କରିବା ହେଉଛି ପରମ ଅବିମୃଶ୍ୟକାରିତା।

## 'ଶେଷ ଶିଳ୍ପ' : ଅଶେଷ ଅଚ୍ୟୁତାନନ୍ଦ

ଏଇ ଜୁନ୍ ୨୨ ତାରିଖ ଦିନ ବୟସର ଶତତମ ପାହାଚରେ ପାଦ ଦେଉଛନ୍ତି ଗାଳ୍ପିକ ଅଚ୍ୟୁତାନନ୍ଦ ପତି। ସେ ଯେ ଶହେବର୍ଷର ଆୟୁଷ ପାଇଛନ୍ତି, ଏହା ବଡ଼ କଥା ନୁହେଁ। କାରଣ ଅନେକ ଶତାୟୁ ଅଛନ୍ତି- ଯେଉଁମାନେ ନାମକୁ ମାତ୍ର ବଂଚିଥାଆନ୍ତି। ମାତ୍ର ଯିଏ ଜୀବିତ ରହି, ଯେଉଁଥିପାଇଁ ସେ ପରିଚିତ- ସେଇ କାମ କରୁଥାଆନ୍ତି, ସେ ସାର୍ଥକ ଭାବରେ ବଂଚିଛନ୍ତି ବୋଲି କୁହାଯାଏ। ସେଇଥିପାଇଁ 'ଶୁକ୍ଳ ଯଜୁର୍ବେଦ'ର ପ୍ରସିଦ୍ଧ ପ୍ରାର୍ଥନାମନ୍ତ୍ରରେ କୁହାଯାଇଛି- ହେ ପ୍ରଭୁ! ଆମକୁ ଆଶିଷ ଦିଅନ୍ତୁ- ଆମେ ଯେପରି ଶହେଟି ଶରତ ପର୍ଯ୍ୟନ୍ତ ଆଖିରେ ଦେଖିପାରୁ!; ଆମେ ଯେପରି ଶହେଟି ଶରତ ପର୍ଯ୍ୟନ୍ତ ଜୀବିତ ରହୁ!; ଆମେ ଯେପରି ଶହେଟି ଶରତ ପର୍ଯ୍ୟନ୍ତ କାନରେ ଶୁଣିପାରୁ!; ଆମେ ଯେପରି ଶହେଟି ଶରତ ପର୍ଯ୍ୟନ୍ତ ଆମର ମୁଖର ବାଣୀରେ ଜ୍ଞାନର ଉପଦେଶ ଦେଇପାରୁ! ଅଚ୍ୟୁତାନନ୍ଦ ପତି ଏଇ ଶହେବର୍ଷ ବୟସରେ ଆଖିରେ ଦେଖିପାରୁଛନ୍ତି, କାନରେ ଶୁଣିପାରୁଛନ୍ତି ଏବଂ ନିଜର ବାଣୀ ମାଧମରେ ନିଜର ଚିନ୍ତନ ଓ ଉପଲବ୍ଧି ବିତରଣ କରିପାରୁଛନ୍ତି। ଏହା ହିଁ ବଡ଼ କଥା। କିନ୍ତୁ ଶହେବର୍ଷ ବୟସର ବୋଝରେ ସେ କ'ଣ ଭାରାକ୍ରାନ୍ତ ନୁହନ୍ତି? ସ୍ୱାଭାବିକ ଭାବରେ ସେ ଭାରାକ୍ରାନ୍ତ। ଏହା ହିଁ ଏ ସଂସାରରେ ଜୀବନର ନିୟମ। କିନ୍ତୁ ତାହାକୁ ବେଖାତିର କରି ସେ ଆଜି ବି କଲମ ଧରୁଛନ୍ତି ଏବଂ ଆମକୁ ନୂଆ ନୂଆ ଗପ ଉପହାର ଦେଉଛନ୍ତି- ଏହା ହିଁ ଆମ ପାଇଁ ସବୁଠୁ ବଡ଼ କଥା। ଗାଳ୍ପିକ ଅଚ୍ୟୁତାନନ୍ଦ ପତି ଏଯାଏ ଆମକୁ ଉପହାର ଦେଇଛନ୍ତି ନଅଟି ଗଳ୍ପ ପୁସ୍ତକ। ସେ ସବୁ ହେଉଛି- ଅଶୁଭ ପୁତ୍ରର କାହାଣୀ (୧୯୭୩, ୨୦ଟି ଗଳ୍ପ), 'ଉଗ୍ରସେନ ଉବାଚ' (୧୯୭୬, ୨୦ଟି ଗଳ୍ପ), 'ନିଆଁ ଜଳୁଛି' (୧୯୭୮, ୬ଟି ଗଳ୍ପ), 'ସ୍ନାୟୁ ଓ ସନ୍ନ୍ୟାସୀ' (୧୯୮୧, ୨୪ଟି ଗଳ୍ପ), 'ଚାରି ସଙ୍ଗାତ କଥା' (୧୯୮୩, ୨୪ଟି ଗଳ୍ପ), 'ଅବାଧ ପ୍ରଜାପତି' (୧୯୯୬, ୧୫ଟି ଗଳ୍ପ), 'ଅନ୍ୟ ଶିବିର' (୧୯୯୨, ୧୯ଟି ଗଳ୍ପ), 'ଚା'ରୁ ଚୈତନ୍ୟ ପର୍ଯ୍ୟନ୍ତ' (୨୦୦୮, ୨୧ଟି ଗଳ୍ପ) ଏବଂ 'ସିକ୍ତ ସେକତ' (୨୦୧୧, ୧୧ଟି ଗଳ୍ପ)। ଏହିପରି, ନଅଟି ପୁସ୍ତକରେ ତାଙ୍କର ସଂକଳିତ ଗଳ୍ପ ସଂଖ୍ୟା ୧୬୦। ଏହା ବ୍ୟତୀତ, ତାଙ୍କର ପ୍ରଥମ ସାତଟି ଗଳ୍ପ ସଂକଳନର ୪୯ଟି ଗପକୁ ନେଇ ୨୦୦୧ରେ 'ଅଚ୍ୟୁତାନନ୍ଦ ପତିଙ୍କ ନିର୍ବାଚିତ ଗଳ୍ପ' ନାମରେ ଗୋଟିଏ ବହି, ବିଭିନ୍ନ ସଂକଳନରୁ ୧୨ଟି ମାନବେତର ଚରିତ୍ର ସମ୍ବଳିତ ଗଳ୍ପକୁ ନେଇ ୨୦୦୬ରେ 'ଇତରଙ୍କ ଇତିବୃତ' ନାମରେ ଗୋଟିଏ ବହି, ୩୭ଟି ନିର୍ବାଚିତ ଗଳ୍ପକୁ ନେଇ ୨୦୧୩ରେ 'ଅଚ୍ୟୁତାନନ୍ଦ ପତିଙ୍କ ଶ୍ରେଷ୍ଠ ଗଳ୍ପ' ନାମରେ ଗୋଟିଏ ବହି ଏବଂ ତାଙ୍କର ୨୫ଟି ଗଳ୍ପକୁ ନେଇ ୨୦୨୪ରେ ଆଉ ଏକ 'ନିର୍ବାଚିତ ଗଳ୍ପ' ବହି ମଧ ପ୍ରକାଶ ପାଇଛି। ଏହା ବ୍ୟତୀତ, ୨୦୨୨ରେ ତାଙ୍କର ସାତଟି ସଂକଳନର ୧୩୯ଟି ଗଳ୍ପକୁ ନେଇ 'ଅଚ୍ୟୁତାନନ୍ଦପତି ଗଳ୍ପ ସମଗ୍ର' ମଧ ପ୍ରକାଶିତ ହୋଇଛି। ମାତ୍ର ତାଙ୍କର ମୂଳ ଗଳ୍ପ ସଂକଳନର ସଂଖ୍ୟା ସେଇ ନଅ। ସେହି ନଅଟି ମୂଳ ଗଳ୍ପ ସଂକଳନ ମଧରୁ, ତାଙ୍କର ଚତୁର୍ଥ ଗଳ୍ପ ସଂକଳନ- 'ସ୍ନାୟୁ ଓ ସନ୍ନ୍ୟାସୀ' ୧୯୮୩ ମସିହାର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଏବଂ ଅଷ୍ଟମ ଗଳ୍ପ ସଂକଳନ 'ଚା'ରୁ ଚେ?ତନ୍ୟ ପର୍ଯ୍ୟନ୍ତ' ୨୦୧୩ର ଶାରଳା ପୁରସ୍କାର ପାଇଛି। ଏହା ବ୍ୟତୀତ, ସେ ୨୦୦୨ରେ ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' ମଧ ପାଇଛନ୍ତି। କିନ୍ତୁ ୧୯୭୩, ୧୯୭୬, ୧୯୭୮, ୧୯୮୧, ୧୯୮୩, ୧୯୮୬, ୧୯୯୨, ୨୦୦୮ ଓ ୨୦୧୨- ଏହିପରି ନିୟମିତ ବିରତିରେ ଗୋଟିଏ ପରେ ଗୋଟିଏ ଶକ୍ତ ଓ ସର୍ଜନଶୀଳ ଗଳ୍ପ ପୁସ୍ତକ ପ୍ରକାଶ ପାଇଥିଲେ ମଧ, କେଉଁ ଅଜ୍ଞାତ କାରଣରୁ କେଜାଣି, ତାଙ୍କୁ ଏଯାଏ କେନ୍ଦ୍ର 'ସାହିତ୍ୟ ଅକାଦେମି ପୁରସ୍କାର' ଦିଆଯାଇ ନାହିଁ। ଯେଉଁ ଗାଳ୍ପିକମାନେ ଏହି ଅର୍ଦ୍ଧଶତାବ୍ଦୀରୁ ଉର୍ଦ୍ଧ୍ୱ କାଳଖଣ୍ଡ ମଧରେ କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର ପାଇଛନ୍ତି, ସେମାନଙ୍କଠାରୁ ଯେ ଅଚ୍ୟୁତାନନ୍ଦ ପତି ନିକୃଷ୍ଟ, ଏହା କୁହାଯାଇପାରିବ ନାହିଁ। ୨୦୧୨ର 'ସିକ୍ତ ସୈକତ' ପରେ, ଏହି ପ୍ରାୟ ୧୪ ବର୍ଷ ମଧରେ ଅଚ୍ୟୁତାନନ୍ଦ ପତିଙ୍କର ଆଉ କୌଣସି ଗଳ୍ପ ସଂକଳନ ପ୍ରକାଶ ପାଇ ନାହିଁ। ୨୦୧୨ ପରେ, ଗୋଟିଏ ଦଶନ୍ଧି?ର କାଳଖଣ୍ଡ ମଧରେ, ତାଙ୍କର କୌଣସି ଗଳ୍ପ ମଧ ଖୋଜିଲେ ମିଳେ ନାହିଁ। ମନେହୁଏ, ଏହି ଦଶବର୍ଷ ମଧରେ ସେ ଗୋଟିଏ ହେଲେ ଗଳ୍ପ ଲେଖି ନାହାନ୍ତି। ଏହାପରେ ଆମକୁ ଯେଉଁ ଗଳ୍ପଟି ମିଳେ, ତାହା ଏପ୍ରିଲ୍ ୨୦୨୨ରେ ପ୍ରକାଶିତ 'ପର୍ଣ୍ଣଆର ମଶାଣିରୁ'। ଆମପାଇଁ ଖୁସିର କଥା, ଯେ ତାହା ପରଠାରୁ ସେ କ୍ରମାଗତ ଭାବରେ ଗପ ଲେଖିଚାଲିଛନ୍ତି ଏବଂ ଏ ଭିତରେ ତାଙ୍କର ୧୭ଟି ଗଳ୍ପ ପ୍ରକାଶ ପାଇଛି। ଏବଂ ଆହୁରି ଖୁସିର କଥା, ଯେ ଏହି ଶତବର୍ଷ ବୟସରେ ମଧ ସେ ଏବେ ଏବେ ଆଉ ଗୋଟିଏ ନୂଆ ଗଳ୍ପ ଲେଖିଛନ୍ତି। ଏଇ ଅଠରଟି ଯାକ ଗପ ପଢ଼ିଲେ ମନେ ହୁଏ, ସବୁଯାକ ଗପରେ ସେ ଗୋଟାପଣେ ଅଛନ୍ତି ଏବଂ ତାଙ୍କର ଅନୁଭବ ଓ ଉପଲବ୍ଧି ଆମକୁ ବାଣ୍ଟୁଛନ୍ତି। - ବୟସ ତ ଗୋଟେ ସଂଖ୍ୟା। ବୟସ ଅଠର ହେଉ କି ଅଠାଅଶୀ ହେଉ, ଯେତେବେଳେ ଜଣେ ଶିଖିବା ଛାଡ଼ିଦିଏ, ସେ ବୁଢ଼ା ହୋଇଯାଏ। ସକ୍ରେଟିସ୍ ବିଷ ପିଇବାର କେଇଘଣ୍ଟା ଆଗରୁ କିଏ ଜଣେ ଗୀତ ଗାଉଥିବାର ଶୁଣିଲେ। ସେ ସେହି ଲୋକଟିକୁ ଡାକିବା ପାଇଁ ତାଙ୍କ ଶିଷ୍ୟମାନଙ୍କୁ କହିଲେ। ସକ୍ରେଟିସ୍ ସେ ଲୋକଟିଠାରୁ ଗୀତ ଶିଖିବାକୁ ଚାହିଁଲେ। ଶିଷ୍ୟମାନେ ଆବାକାବା। ଘଟାଂକ ପରେ ଗୁରୁଦେବ ମରିବେ, ତଥାପି ଗୀତ ଶିଖିବାକୁ ଆଗ୍ରହ! ସକ୍ରେଟିସ୍ ଶିଷ୍ୟମାନଙ୍କୁ ବୁଝାଇଲେ- ଜୀବନସାରା ସେ ଶିଖି ଆସିଛନ୍ତି; ମରିବା ଆଗରୁ ଶିଖିବାର ଆଦତ୍‌ଟା ଛାଡ଼ିବେ କାହିଁକି?

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







# ଶ୍ରୀ ଶ୍ରୀ ଜଗନ୍ନାଥ ପ୍ରଭୁ ପତିତପାବନଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ



ସମ୍ବଲପୁର,୧୮/୭(ନି/ପ୍ର): ସମ୍ବଲପୁର ସହର ଭୁତାପଡା ମା’ ମଙ୍ଗଳାଙ୍କ ମନ୍ଦିର ପରିସରରେ ଶ୍ରୀ ଶ୍ରୀ ଜଗନ୍ନାଥ ପ୍ରଭୁ ପତିତପାବନଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଛି ଓ ଏହି ଅବସରରେ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା (ଶ୍ରୀଗୁଣ୍ଡିଚା) ଗୁରୁବାର ଦିନ ଶ୍ରୀ ବିଗ୍ରହଙ୍କ ସିଂହାସନ ବିଜେ ଅନୁଷ୍ଠିତ ହୋଇଥିଲା ଓ ଏହି ଅବସରରେ ସକାଳ ୮ ଟା ସମୟରେ ପୂଜାଦିକର୍ମ, ହୋମ, ଆଳତୀ ପୁଷ୍ପାଞ୍ଜଳି ପରେ ଶ୍ରୀ ବିଗ୍ରହ ସିଂହାସନ ବିଜେ କରିଥିଲେ ଓ ଏଥିରେ ସହରର ହଜାର ହଜାର ସଂଖ୍ୟାରେ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଅଂଶ ଗ୍ରହଣ କରିଥିଲେ ଓ ଶ୍ରୀ ଶ୍ରୀ ଜଗନ୍ନାଥ ପ୍ରଭୁ ପତିତପାବନ ତାଙ୍କ ଶ୍ରୀମସ୍ତକରେ ଟାହିଆ ଶିରୋଭୂଷଣ କରି ପହଣ୍ଡି ବିଜେ ପରେ ସିଂହାସନକୁ ଧୀରେ ଧୀରେ ଆଗକୁ ପଛକୁ ହୋଇ ହଲି ହଲି ଯିବା ସମୟରେ ଭକ୍ତ ମାନଙ୍କର ହରିବୋଲ ଏବଂ ହୁଳହୁଳି ଧ୍ୱନିରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇଉଠିଥିଲା ଓ କର୍ତା ଦାୟିତ୍ୱ ନିର୍ବାହ କରିଥିବା ଦେବଗଡ଼ ସହର ନିବାସୀ ଶ୍ରୀ ଯାଦବ ଚନ୍ଦ୍ର ଦେହୁରୀ ଏବଂ ସ୍ଥାନୀୟ ଧୁତୁରାପଡା ନିବାସୀ ଶ୍ରୀ ସରୋଜ ସାହୁ ଛେରା ପହଁରା କରିଥିଲେ ଓ ପରେ ସିଂହାସନ ଉପରେ ବିରାଜମାନ ହୋଇ ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ ପ୍ରଭୁ ପତିତପାବନ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି ଓ ଭୁତାପଡା ମଙ୍ଗଳା ମନ୍ଦିରର ପୂଜକ ମହେଶ୍ୱର ପଣ୍ଡା, ମୁଖ୍ୟ ଆଚାର୍ଯ୍ୟା ପଣ୍ଡିତ ବଂଶୀଧର ମିଶ୍ର, ପଣ୍ଡିତ ଆଦିତ୍ୟ ମିଶ୍ର, ପଣ୍ଡିତ ଜିତେନ୍ଦ୍ର ମିଶ୍ର, ପଣ୍ଡିତ ପ୍ରଣବ କୁମାର ମିଶ୍ର, ପ୍ରଦୀପ କୁମାର ଦାସ, ବିଦ୍ୟା ଦାସ, ଜୟନ୍ତ ମହାପାତ୍ର, ଦିଶାଙ୍କ ତ୍ରିପାଠୀ, ରାଜକୁମାର ଷଡ଼ଙ୍ଗୀ ପ୍ରମୁଖ ପୂଜାଦି କାର୍ଯ୍ୟ କରିଥିଲେ ଓ ମଙ୍ଗଳା ମନ୍ଦିର କମିଟିର ରବୀନ୍ଦ୍ର ଜେନା, ଇନ୍ଦ୍ରମଣୀ ଦାସ, କଳ୍ପତରୁ ବେହେରା, ପ୍ରତାପ କୁମାର ମିଶ୍ର,ସୁରେଶ କୁମାର ମହାପାତ୍ର, ରସାନନ୍ଦ ବେହେରା, ପିତବାସ ବେହେରା, ଓମ ପ୍ରକାଶ ଦାସ, ଅସିତ ବିଶ୍ୱାଳ, ପଠାଣି ସାମନ୍ତ ଦାସ, ଅଲେଖ କୁମାର ଦାସ, ରବୀନ୍ଦ୍ର ବାରିକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ଓ ଗତ ୧୩ ତାରିଖ ସୋମବାର ସ୍ଥାନୀୟ ମହାନଦୀ ଘାଟରୁ ଜଳ ଆଣି ବିଧି ମୁତାବକ ପୂଜନୋତ୍ସବ ଆରମ୍ଭ କରାଯାଇଥିବାବେଳେ ୧୪ ତାରିଖ (ମଙ୍ଗଳବାର) ନେତ୍ରୋତ୍ସବ/ପ୍ରାଣ ପ୍ରତିଷ୍ଠା, ୧୫ ତାରିଖ (ବୁଧବାର) ହୋମ ଯଜ୍ଞ ଏବଂ ୧୬ ତାରିଖ (ଗୁରୁବାର) ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା (ଶ୍ରୀଗୁଣ୍ଡିଚା) ଦିନ ଶ୍ରୀ ବିଗ୍ରହଙ୍କ ସିଂହାସନ ବିଜେ ଅନୁଷ୍ଠିତ ହୋଇଥିଲା ।

# ବେଆଇନ ବ୍ରାଉନ୍ ସୁଗର କାରବାରରେ ବାପ, ପୁଅ ଗିରଫ

ସମ୍ବଲପୁର,୧୮/୭(ନି/ପ୍ର):ସମ୍ବଲପୁର ଜିଲ୍ଲା ଠେଲକୋଲୋଇ ଥାନା ପୋଲିସକୁ ବେଆଇନ ବ୍ରାଉନ୍ ସୁଗାର କାରବାର ବିରୋଧରେ ମିଳିଛି ବିଶେଷ ସଫଳତା । ସମ୍ବଲପୁର ପୋଲିସ ଜିଲ୍ଲା ଅନ୍ତର୍ଗତ ଠେଲକୋଲୋଇ ଥାନାରେ ୩୩୮/୨୬ରେ ହୋଇଥିବା ଏନଡିପିଏସ୍ ମାମଲାରେ ପୋଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନଙ୍କ ଚିହ୍ନଟରେ ରେଙ୍ଗାଲି ଥାନା ଅନ୍ତର୍ଗତ ସିଆନବାହାଲ ଗ୍ରାମର ୪୧ ବର୍ଷିୟ ଶଙ୍କର ଓରାମ ଏବଂ ତା’ର ୧୯ ବର୍ଷିୟ ପୁଅ ସ୍ୱାଧୀନ ଓରାମ ବୋଲି ଜଣାପଡିଛି । ପୋଲିସ ସୂଚନା ଅନୁଯାୟୀ, ଗତ ଜୁଲାଇ ୧୫ ତାରିଖ ରାତି ୧୦ ଟା ବେଳେ ଠେଲକୋଲୋଇ ଥାନାର ଏସ୍‌ଆଇ ପି ଏମ୍ ମହାନ୍ତି ଓ ସହ କର୍ମଚାରୀମାନେ ଖିଣ୍ଡା ସ୍ଥିତ ପିଡବ୍ଲୁଡି ରୋଡ଼ର ସାତଗୋଛିଆ ଛକ ନିକଟରେ ପାଟ୍ରୋଲିଂ କରୁଥିଲେ । ଏହି ସମୟରେ ନିୟନ୍ତ୍ରଣ ହରା ଓ ସନ୍ଦେହଜନକ ଭାବେ ଯାଉଥିବା ସ୍କୁଟିକୁ ଅଟକାଇ ଯାଂଚ କରିଥିଲେ । ଯାଂଚ ସମୟରେ ସ୍କୁଟି ଡିକିରେ ୧୦.୫୮ ଗ୍ରାମ ବ୍ରାଉନ୍ ସୁଗାର ଥିବା ଦେଖିବାକୁ ମିଳିଥିଲା । ପୋଲିସ ତୁରନ୍ତ ଦୁଇ ସନ୍ଦିଗ୍ଧଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୦.୫୮ ଗ୍ରାମ ବ୍ରାଉନ୍ ସୁଗାର, ଓଡି ୧୫ ଏସ୍ ୯୧୭୯ ନମ୍ବରର ନୀଳ ରଙ୍ଗର ଟିଭିଏସ୍ ଜୁପିଟର ସ୍କୁଟି, ଏକ ୧୫ ପ୍ରୋ ଆଇଫୋନ୍ ଓ ନଗଦ ୧୩ ହଜାର ୬ ଶହ ଟଙ୍କା ଜବତ କରିଥିଲା ।

# କୋଲାବିରା ବନାଂଚଳରେ ପୁଣି ଦନ୍ତା ଆତଙ୍କ:

## ଘରକାନ୍ଥ ଭାଙ୍ଗି ଧାନ ଖାଇଲା, ଗ୍ରାମବାସୀ ଭୟଭୀତ

ଝାରସୁଗୁଡ଼ା,୧୮/୭(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲାର କୋଲାବିରା ଓ ବାଗଡିହି ବନାଂଚଳରେ ଗତ ୩ରୁ ୪ ଦିନ ଧରି ଏକ ଦନ୍ତା ହାତୀର ଉପଦ୍ରବ ଲାଗି ରହିଥିବା ବେଳେ ବୁଧବାର ରାତିରେ ଆଉ ଏକ ଦନ୍ତା ହାତୀ କୋଲାବିରା ବନାଂଚଳକୁ ପ୍ରବେଶ କରିବାରୁ ସ୍ଥାନୀୟ ଅଂଚଳରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି । ସୂଚନାନୁସାରେ, ବୁଧବାର ରାତି ପ୍ରାୟ ୧ଟା ସମୟରେ ହାତୀଟି ରେଙ୍ଗାଲି ବନାଂଚଳର ବେଡ଼ଁରା ଜଙ୍ଗଲରୁ ବାହାରି ଭେଡେନ ନଦୀ ପାର ହୋଇ କେ. ସମାସିଂହା ଗ୍ରାମରେ ପ୍ରବେଶ କରିଥିଲା । ସେଠାରେ ବସୁଦେବ ଜୟପୁରୀୟାଙ୍କ ଘର ପଛପଟେ ଥିବା ଏକ କୋଠରୀର କାନ୍ଥ ଭାଙ୍ଗି ଧାନ ଭର୍ତି ଏକ ବସ୍ତା ଟେକି ନେଇ ଖାଇଦେଇଥିବା ଅଭିଯୋଗ ହୋଇଛି । ଖବର ପାଇ କୋଲାବିରା ରେଞ୍ଜର ସୁଦାମ ଜଗଦଲାଙ୍କ ନେତୃତ୍ୱରେ ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚି ହାତୀକୁ ଜଙ୍ଗଲ ଆଡ଼କୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ । ପରେ ହାତୀଟି ସମାସିଂହା ଓ ସନ୍ୟାସୀପାଲି ଗ୍ରାମ ଦେଇ ମହୁଲମୁଣ୍ଡା ସଂରକ୍ଷିତ ଜଙ୍ଗଲ ମଧ୍ୟକୁ ଚାଲିଯାଇଥିବା ସମ୍ପର୍କରେ ରେଞ୍ଜର ଶ୍ରୀ ଜଗଦଲା ସୂଚନା ଦେଇଛନ୍ତି । ତେବେ ସନ୍ଧ୍ୟା ହେଲେ ହାତୀଟି ପୁଣି ଜଙ୍ଗଲରୁ ବାହାରି ଗ୍ରାମମୁହାଁ ହେବାର ଆଶଙ୍କା ଥିବାରୁ ଜଙ୍ଗଲ ସଂଲଗ୍ନ ଗ୍ରାମଗୁଡ଼ିକର ଲୋକମାନଙ୍କ ମଧ୍ୟରେ ଭୟ ଓ ଚିନ୍ତା ବଢ଼ିଛି । ବନ ବିଭାଗ ପକ୍ଷରୁ ସତର୍କ ରହିବା ସହ ରାତିରେ ଏକାକୀ ବାହାରକୁ ନ ଯିବା ପାଇଁ ଗ୍ରାମବାସୀଙ୍କୁ ପରାମର୍ଶ ଦିଆଯାଇଛି ।

# ଲାଂଚ ନେଇ ରାଜସ୍ୱ ନିରୀକ୍ଷକ ଗଲେ ଜେଲ୍

ଜୟପୁର,୧୮/୭(ନି/ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ତହସିଲର ସିରିଝୁଲି ଆର୍‌ଆଇ ସୁଶାନ୍ତ ମଲ୍ଲିକ ଏକ ମ୍ୟୁଟେସନ ମାମଲାରେ ତଦନ୍ତ ରିପୋର୍ଟ ଦାଖଲ କରିବା ଏବଂ ତାଙ୍କ ପୈତୃକ ଜମିର(ଜମି ପଟା) ତାଙ୍କ ସପକ୍ଷରେ ପ୍ରଦାନ କରିବା ପାଇଁ ଜଣେ ଆବେଦନକାରୀଙ୍କ ଠାରୁ ୨୫,୦୦୦ ଟଙ୍କା ଲାଂଚ ଦାବି କରୁଥିବା ଏବଂ ନେଉଥିବା ସମୟରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି । ଏନେଇ ଆଜି ସଂନ୍ଧ୍ୟାରେ କୋର୍ଟଚାଲାଣ କରିଛନ୍ତି । କୋର୍ଟ ଟଙ୍କା ଜାମିନ ଖାରଜ କରି ଜେଲ୍ ହାଜତକୁ ପଠାଇ ଦେଇଛନ୍ତି । ଲାଂଚ ନେଇ ବୁଧବାର ଗିରଫ ହୋଇଥିଲେ ରାଜସ୍ୱ ନିରୀକ୍ଷକ । ଆବେଦନକାରୀ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ସରକାରଙ୍କ ନିୟମ ଅନୁଯାୟୀ ଅନ୍‌ଲାଇନ୍‌ରେ ଆବେଦନ କରିଥିଲେ ଏବଂ ଆବଶ୍ୟକ ଫି ଜମା କରିଥିଲେ । କିନ୍ତୁ, ଅଭିଯୁକ୍ତ ଆର୍‌ଆଇ ଶ୍ରୀ ମଲ୍ଲିକ ବିନା କାରଣରେ ପ୍ରକ୍ରିୟାରେ ବିଳମ୍ବ କରୁଥିଲେ । ବରଂ ଅଭିଯୁକ୍ତ ଆର୍‌ଆଇ ଶ୍ରୀ ମଲ୍ଲିକ ୨୫,୦୦୦ ଟଙ୍କା ଲାଂଚ ଦାବିକରିଥିଲେ ।

# ବଡ଼ଜୋବ ଠାକୁରଙ୍କୁ ନେଇ ଚାଲିଛି ବିଭିନ୍ନ ତିଥିରେ ୩ଟି ଗ୍ରାମର ରଥଯାତ୍ରା



ବ୍ରଜରାଜନଗର,୧୮/୭(ନି/ପ୍ର): ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ପରମ୍ପରା ପଶ୍ଚିମ ଓଡ଼ିଶାର ପୁରପଲ୍ଲୀରେ ମଧ୍ୟ କିଭଳି ପ୍ରଭାବ ପକାଇଥିଲା ତାହା ଝାରସୁଗୁଡ଼ା ଜିଲ୍ଲାର ଏକଦା ବଣ ଜଙ୍ଗଲଘେରା ବଡ଼ଜୋବ ଅଂଚଳକୁ ଦେଖିଲେ ଜଣାପଡ଼େ । ରାଜପୁର ଜମିଦାର ବଂଶଜ ସୂର୍ଯ୍ୟ କୁମାରୀ ସାଏ ବଡ଼ଜୋବ ରଥଯାତ୍ରା ଆରମ୍ଭ କରିଥିଲେ । ଏହା ପାଖାପାଖି ୮୫ ବର୍ଷରୁ ଅଧିକ ହେବ । ସେ ଏଥିପାଇଁ ପୁରୀରୁ ବିଗ୍ରହମାନଙ୍କୁ ଆଣିଥିଲେ । କିନ୍ତୁ ରାଜପୁର ରଥଯାତ୍ରା ଦ୍ୱିତୀୟା ତିଥିରେ ହେଉଥିବାରୁ ସୁବିଧା ଦୃଷ୍ଟିରୁ ବଡ଼ଜୋବ ରଥଯାତ୍ରା ଚତୁର୍ଥୀ ତିଥିରେ କରିଥିଲେ । ସେହି ପରମ୍ପରା ଏବେ ବି ଚାଲିଆସିଛି । ବଡ଼ଜୋବ ରଥଯାତ୍ରାକୁ ଦେଖି ଗାନ୍ଧିଛକରେ ରଥଯାତ୍ରା କରିବାକୁ ରାମଚନ୍ଦ୍ର ସିଂହ, ନନ୍ଦୁ ସାହୁ, ହରିଶ୍ଚନ୍ଦ୍ର ସାଏ ନିଷ୍ପତ୍ତି ନେଇଥିଲେ । ବଡ଼ଜୋବ ଠାକୁରଙ୍କୁ ନେଇ ଗାନ୍ଧିଛକ ରଥଯାତ୍ରା କରିବାକୁ ସୂର୍ଯ୍ୟ କୁମାରୀ ସାଏଙ୍କୁ ଜଣାଇଥିଲେ । ସେ ରାଜି ହେବାରୁ ବିଗ୍ରହମାନଙ୍କୁ ଦେବସ୍ନାନ ପୂର୍ଣ୍ଣିମା ପରଦିନ ଝାମ୍ପିରେ ତିନି ଠାକୁରଙ୍କୁ ରଖି ଶିକା ବାହୁଙ୍ଗିରେ ଗଉଡ଼ମାନଙ୍କ ଦ୍ୱାରା ଗାନ୍ଧିଛକ ଅଣାଯାଇଥିଲା । ଠାକୁରମାନେ ରାମଚନ୍ଦ ସିଂହଙ୍କ ଘରେ ନେତ୍ରଉତ୍ସବ ପର୍ଯ୍ୟନ୍ତ ରହିବା ପରେ ଦ୍ୱିତୀୟରେ ଗାନ୍ଧିଛକ ରଥଯାତ୍ରା ଆରମ୍ଭ ହୋଇଥିଲା । କିଛି ବର୍ଷ ପରେ ଚନ୍ଦିନୀମାଲ ପଂଚାୟତର କେଛୋବାହାଲଠାରେ ଜମିଦାର ବଂଶଜ ପ୍ରସନ୍ନ ସାଏ ବଡ଼ଜୋବ ଠାକୁରଙ୍କୁ ନେଇ ରଥଯାତ୍ରା କରିବାକୁ ସୂର୍ଯ୍ୟ କୁମାରୀ ସାଏଙ୍କୁ କହିବାରୁ ସେ ରାଜି ହୋଇଥିଲେ । ଫଳରେ କେଛୋବାହାଲ ରଥଯାତ୍ରା ପଂଚମୀ ତିଥିରେ ବଡ଼ଜୋବ ଠାକୁରଙ୍କୁ ନେଇ କରାଯାଉଛି । ଆଜି ମଧ୍ୟ ସେହିପରମ୍ପରା ଚାଲିଆସିଛି । ବଡ଼ଜୋବ ତିନି ଠାକୁରଙ୍କୁ ନେଇ ଏବେ ବି ଚାଲିଛି ତିନି ଗ୍ରାମରେ ରଥଯାତ୍ରା । ହେଲେ ଭିନ୍ନ ତିଥିରେ । ଏବେ କେବଳ ଜିଉମାନେ ଯାତ୍ରା ଉଦ୍ଦେଶ୍ୟରେ ଝାମ୍ପି ଭାରରେ ଗଉଡ଼ମାନେ ନେଉନାହାନ୍ତି । ସୁସଜ୍ଜିତ ଗାଡ଼ିରେ ମନ୍ଦିରରୁ ଗାନ୍ଧିଛକ ଓ କେଛୋବାହାଲ ଯାଉଛନ୍ତି । ସମୟ ପରିବର୍ତନ ହୋଇଥିଲେ ମଧ୍ୟ ସେହି ପୁରୁଣା ପରମ୍ପରାକୁ ନେଇ ଚାଲିଛି ରଥଯାତ୍ରା । ସମୟ ବଦଳିଛି, ହେଲେ ପୁରୁଣା ପରମ୍ପରା ଆଜି ବି ଜାରି ରହିଛି ।

# ପାପଡାହାଣ୍ଡି ଠାରେ ରଥଯାତ୍ରା ଅନୁଷ୍ଠିତ



ପାପଡାହାଣ୍ଡି,୧୮/୭(ନି/ପ୍ର): ପାପଡାହାଣ୍ଡି ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି.ଏହି ରଥଯାତ୍ରା ରେ ସକାଳୁ ମଙ୍ଗଳ ଆଳତି ସରିଲା ପରେ ପୂଜାର୍ଚନା ସାରି ଚତୁର୍ଦ୍ଧା ଦାରୁ ମୂର୍ତିଙ୍କୁ ପହଣ୍ଡି ବିଜେ କରାଇ ଥିଲେ ଏଥିରେ ମୁଖ୍ୟ ପୂଜକ ସତ୍ୟନାରାୟଣ ନନ୍ଦ, ହରିଶଙ୍କର ତ୍ରିପାଠୀ, ନୀଳକଣ୍ଠ ତ୍ରିପାଠୀ, ରାମପ୍ରସାଦ ଦାସ ସୁଦର୍ଶନ ପାତ୍ର,ସିଦ୍ଧାଥ ପାଢ଼ୀ, ଓଁକାର ତ୍ରିପାଠୀ,ହରି ପାଣିଗ୍ରାହୀ,ବିକାଶ ମହାପାତ୍ର, ଅତୁଲ ସାହୁ, ଗିରିଶ ପଣ୍ଡା, ଅଙ୍ଗତ ପାଢ଼ୀ, ସୁନୀଲ ଘଟ୍ଟ,ଓ ଅଭୟ ପାଢ଼ୀ ପ୍ରଭୃତି ସହଯୋଗ କରିଥିଲେ ଲଗାଣ ବର୍ଷା ଯୋଗୁଁ ସମସ୍ତ କାର୍ଯ୍ୟ ବିଳମ୍ବ ରେ ହୋଇଥିଲା ପ୍ରଶାନ୍ତ ପାତ୍ର ଙ୍କଦ୍ୱାରା ଛେରାପହଁରା ସମ୍ପୂର୍ଣ କରାଯାଇଥିଲା ତାପରେ କିଛି ସମୟ ପୂଜାର୍ଚନା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା ଏଥିରେ ଶାନ୍ତିଶୃଙ୍ଖଳା ପାଇଁ ପାପଡାହାଣ୍ଡି ଏସ ଡିପି ଓ ସତ୍ୟଜିତ କାଣ୍ଡଲକାଲ, ଓ ପାପଡାହାଣ୍ଡି ଥାନା ଅଧିକାରୀ ଉମେଶ ଚନ୍ଦ୍ର ନାୟକ ଙ୍କ ପ୍ରତକ୍ଷ ତତ୍ତ୍ୱାବଧାନ ରେ ପୁରା ଟିମ ଶାନ୍ତିଶୃଙ୍ଖଳା ପାଇଁ ଉପସ୍ଥିତ ଥିଲେ, ତାସହିତ ଅଗ୍ନିଶ୍ରମ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ଉପସ୍ଥିତ ଥିଲେ ତାସହିତ ତହସିଲଦାର ତପନ କୁମାର ନାୟକ ଉପସ୍ଥିତ ଥିଲେ ସେଠି ବି ଯେ ପି ର ପାପଡାହାଣ୍ଡି ମଣ୍ଡଳ ସଭାପତି ଶ୍ରୀ ମୋନଜ ଅଗ୍ରୱାଲ, ଦୀନବନ୍ଧୁ ବିଶୋଇ, ତ୍ରିନାଥ ଅମନାତ୍ୟ ଓ ବହୁ ସଂଖ୍ୟା ରେ ଭକ୍ତ ମାନେ ଯୋଗ ଦେଇଥିଲେ ସେହିପରି ଦଳେଇ ଗୁଡା ଠାରେ ହରି ମୋହନ ଶର୍ମା ଦ୍ୱାରା ରଥଯାତ୍ରା ପାଳନ କରାଯାଇଛି, ପାପଡାହାଣ୍ଡି ବ୍ଲକ ର ମୈଦଳପୁର ଠାରେ ମଧ୍ୟ ରଥଯାତ୍ରା ପାଳନ କରାଗଲା

# ଆଇନ ସଚେତନତା ଶିବିର

ଜୟପୁର,୧୮/୭: ଦାରିଦ୍ର୍ୟ ଦୂରୀକରଣ ଯୋଜନାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଜୟପୁର ଆନୁକୂଲ୍ୟରେ ଶ୍ରୀ ପ୍ରଦୀପ କୁମାର ମହନ୍ତ ଜିଲ୍ଲା ଜଜ୍ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଜୟପୁରଙ୍କ ତତ୍ତ୍ୱବଧାନ କୁନ୍ଦ୍ରା ବ୍ଲକ ସଭା ଗୃହ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସଚିବ ତଥା ଲୋକ ଅଦାଲତ ବିଚାରପତି ମୁଖ୍ୟ ଅତୀଥି ଭାବରେ ଯୋଗ ଦେଇଥିଲେ । ଅନ୍ୟଅତିଥିମାନଙ୍କ ମଧ୍ୟରେ ଡେପୁଟିଚିଫ୍ ଲିଗାଲ ଡିଫେନ୍ସ କାଉନସେଲ, ଶ୍ରୀ ହରିଶ୍ଚନ୍ଦ୍ର ମୁଦୁଲି, କେ.ଦିବାକର ରାଓ, ସ୍ୱତନ୍ତ୍ର ପି.ପି. ଯୋଗ ଦେଇଥିଲେ ।

# ଝାରସୁଗୁଡ଼ା ଜିଲ୍ଲାରେ ଭକ୍ତିଭାବରେ ପାଳିତ ହେଲା ମହାପ୍ରଭୁଙ୍କ ରଥଯାତ୍ରା







ଝାରସୁଗୁଡ଼ା,୧୮/୭(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଗୁରୁବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଭକ୍ତି, ଶ୍ରଦ୍ଧା ଓ ଉତ୍ସାହର ସହ ପାଳିତ ହୋଇଛି । ରଥଦାଣ୍ଡ ଓ ମନ୍ଦିର ପରିସରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବା ବେଳେ ‘ଜୟ ଜଗନ୍ନାଥ’ ଧ୍ୱନିରେ ସମଗ୍ର ପରିବେଶ ଭକ୍ତିମୟ ହୋଇଉଠିଥିଲା । ଜିଲ୍ଲାର ପ୍ରସିଦ୍ଧ କୁକୁରଜଙ୍ଘା ଜଗନ୍ନାଥ ମନ୍ଦିରରେ ବାବା ପ୍ରେମାନନ୍ଦ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରୀତିନୀତି ଅନୁଯାୟୀ ରଥଯାତ୍ରା ଆୟୋଜିତ ହୋଇଥିଲା । ଚତୁର୍ଦ୍ଧାମୂର୍ତିଙ୍କ ଦର୍ଶନ ପାଇଁ କୁକୁରଜଙ୍ଘା ସମେତ ଆଖପାଖ ଅଂଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଉପସ୍ଥିତ ରହି ରଥ ଟାଣିବା ସହ ପ୍ରଭୁଙ୍କ ଆଶୀର୍ବାଦ ଲାଭ କରିଥିଲେ ।ପାରମ୍ପରିକ ଛେରା ପହଁରା ନୀତିକୁ ଅନିଲ ସିଂ ସମ୍ପାଦନ କରିଥିବା ବେଳେ ପଣ୍ଡିତ ଅକ୍ଷୟ ମିଶ୍ର ସମସ୍ତ ପୂଜାର୍ଚ୍ଚନା ସୁଚାରୁରୂପେ ସମ୍ପନ୍ନ କରିଥିଲେ ।ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଓ ଏସ୍ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବା ସହ ରଥ ଦଉଡ଼ି ଟାଣିଥିଲେ ।ରଥଯାତ୍ରା ସଫଳ ଆୟୋଜନରେ ବସନ୍ତ ଦାସ, ତ୍ରିନାଥ ତିଓ୍ୱାରୀ, କୈଳାଶ ତ୍ରିପାଠୀ, ଶ୍ରୀପତି ମିଶ୍ରଙ୍କ ସମେତ ବହୁ ବ୍ରାହ୍ମଣ, କୁକୁରଜଙ୍ଘା ଗ୍ରାମବାସୀ ଓ ସ୍ଥାନୀୟ ଭକ୍ତମାନେ ସକ୍ରିୟ ସହଯୋଗ କରିଥିଲେ । କୁକୁରଜଙ୍ଘା ବ୍ୟତୀତ ଝାରସୁଗୁଡ଼ା ସହରର ସରବାହାଲ, ମାରଓ୍ୱାଡ଼ିପଡ଼ା, ବିଟିଏମ୍ ଏବଂ ଜିଲ୍ଲାର ବେଲପାହାଡ଼, ଗୁମାଡେରା, ବନ୍ଧବହାଲ, ଲଇକେରା ଓ କିର୍ମିରାସ୍ଥିତ ଜଗନ୍ନାଥ ମନ୍ଦିରଗୁଡ଼ିକରେ ମଧ୍ୟ ରଥଯାତ୍ରା ଧୂମଧାମରେ ପାଳିତ ହୋଇଥିଲା । ସମଗ୍ର ଜିଲ୍ଲାରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ‘ଜୟ ଜଗନ୍ନାଥ’ ଧ୍ୱନିରେ ଗଗନ-ପବନ ପ୍ରକମ୍ପିତ ହୋଇଉଠିଥିଲା ।

# ରାମ ମନ୍ଦିର ଦାନ ପରିଚାଳନାରେ ଅନିୟମିତତା ଅଭିଯୋଗ ନେଇ କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

ଝାରସୁଗୁଡା,୧୮/୭(ନି/ପ୍ର): ଅଯୋଧ୍ୟା ଶ୍ରୀରାମ ମନ୍ଦିରରେ ମିଳୁଥିବା ଦାନର ପରିଚାଳନା ଓ କଥିତ ଅନିୟମିତତା ପ୍ରସଙ୍ଗରେ କେନ୍ଦ୍ର ସରକାର ଓ ସମ୍ପୃକ୍ତ ଟ୍ରଷ୍ଟ ଉପରେ ପ୍ରଶ୍ନ ଉଠାଯାଇଛି । ଜିଲ୍ଲା କଂଗ୍ରେସ ନେତୃତ୍ୱ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛି ଯେ, ରାମ ମନ୍ଦିରକୁ ମିଳୁଥିବା ଦାନରେ ଅନିୟମିତତା ସମ୍ପର୍କରେ ଏସଆଇଟି ରିପୋର୍ଟରେ ଗୁରୁତର ତଥ୍ୟ ସାମ୍ନାକୁ ଆସିଛି । ଦାନ ଗଣତି ଗୃହରେ ସୁରକ୍ଷା ବ୍ୟବସ୍ଥାର ତ୍ରୁଟି, ବାରମ୍ବାର ଚୋରି ଏବଂ ସିସିଟିଭି ନଜରଦାରିରେ ବ୍ୟାପକ ଅବହେଳା ହୋଇଥିବା ଅଭିଯୋଗ ଉଠାଯାଇଛି ।କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ୨୦୨୦ରେ ରାମ ଜନ୍ମଭୂମି ଟ୍ରଷ୍ଟ ଗଠନ ପରେ ବିପୁଳ ପରିମାଣର ନଗଦ ଦାନ ଓ ମୂଲ୍ୟବାନ ସାମଗ୍ରୀ ମିଳିଥିଲେ ମଧ୍ୟ ଏହାର ସ୍ୱଚ୍ଛ ଅଡିଟ୍ ରିପୋର୍ଟ କିମ୍ବା ଆଭ୍ୟନ୍ତରୀଣ ଯାଂଚ୍ ସମ୍ବନ୍ଧୀୟ ସୂଚନା ସାର୍ବଜନୀନ କରାଯାଇନାହିଁ । ଶ୍ରଦ୍ଧାଳୁଙ୍କ ଦ୍ୱାରା ଦାନ କରାଯାଇଥିବା କେତେକ ସାମଗ୍ରୀର ରେକର୍ଡ ମଧ୍ୟ ନିଖୋଜ ଥିବା ଅଭିଯୋଗ ଉଠିଛି । ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି ଯେ, ଦାନ ବାକ୍ସରୁ ବହୁ ପରିମାଣର ଅର୍ଥ ଚୋରି ହୋଇଥିବା ଅଭିଯୋଗ ରହିଛି ଏବଂ ୪୫ ଦିନ ମଧ୍ୟରେ ଏକାଧିକ ଚୋରି ଘଟଣା ଚିହ୍ନଟ ହୋଇଥିବା ସହ ଏଫ୍‌ଆଇଆର୍ ରେ କେତେକ ବ୍ୟକ୍ତିଙ୍କ ନାମ ମଧ୍ୟ ରହିଛି । ଏଥିସହ ଦାନ ଗୃହର ସିସିଟିଭି ଫୁଟେଜ୍ ନଷ୍ଟ ହୋଇଥିବା ଘଟଣାର ମଧ୍ୟ ନିରପେକ୍ଷ ତଦନ୍ତ ଦାବି କରାଯାଇଛି ।ଜିଲ୍ଲା କଂଗ୍ରେସ ନେତୃତ୍ୱ କହିଛି ଯେ, ପ୍ରଭୁ ଶ୍ରୀରାମଙ୍କ ନାମରେ ଦେଶବାସୀ ଦେଇଥିବା ଦାନର ସଠିକ୍ ହିସାବ ସାର୍ବଜନୀନ କରାଯିବା ସହ ଏହି ସମସ୍ତ ଅଭିଯୋଗର ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତ କରାଯିବା ଆବଶ୍ୟକ । ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବା ସହ ଦାନ ପରିଚାଳନା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ କରିବାକୁ କଂଗ୍ରେସ ଦାବି କରିଛି । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ଜୀବନ ସାର୍ଥକ, ନଗର ସଭାପତି ଦେବାନନ୍ଦ ବାରିକ ଏବଂ ପୂର୍ବତନ ନଗର ସଭାପତି ସଞ୍ଜୟ ମହାପାତ୍ର ଉପସ୍ଥିତ ଥିଲେ ।

# ଦାରୁ ଦେବତା ଚିତ୍ରକଳା କର୍ମଶାଳା ଉଦ୍‌ଘାଟନ

ଜୟପୁର,୧୮/୭(ନି/ପ୍ର): ପବିତ୍ର ରଥ ଯାତ୍ରା ଉପଲକ୍ଷେ ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟ ଜୟପୁର ଠାରେ ପୁର୍ବ ଛାତ୍ରସଂଘ ଏବଂ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ନେଇ ଦାରୁଦେବତା ଚିତ୍ରକଳା କର୍ମଶାଳା ଆରମ୍ଭ ହୋଇଛି । ଏହି କର୍ମଶାଳାକୁ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗଦେଇ ଉଦ୍‌ଘାଟନ କରିଛନ୍ତି । ଏହି କର୍ମଶାଳାରେ ୩୫ ଜଣ ଭାଗ ନେଇଥିଲେ ।

# ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତମ ଦେବଙ୍କ ପବିତ୍ର ଘୋଷଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମାପନ

ଖୋର୍ଦ୍ଧା,୧୮/୭(ନି/ପ୍ର): ଜାଗୁଲିପାଟଣ ସ୍ଥିତ ମହାପ୍ରଭୁ ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତମ ଦେବଙ୍କ ଘୋଷ ଯାତ୍ରା ଅତି ଆନନ୍ଦ ଉଲ୍ଲାସ ଏବଂ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ସମାପନ ହୋଇଯାଇଛି । ପ୍ରତ୍ୟୁଷ ୪ ଘଟିକା ସମୟରେ ମହାପ୍ରଭୁଙ୍କ ପହଡ଼ ଖୋଲା ହୋଇଥିବା ବେଳେ ପ୍ରାତଃ ୫ ଘଟିକାରେ ମଙ୍ଗଳ ଆଳତି, ପୂର୍ବାହ୍ଣ ୧୧ ଘଟିକାରେ ଶଙ୍ଖୁଡ଼ି ଭୋଗ, ମଧ୍ୟାହ୍ନ ୧୨ ଘଟିକାରେ ସୂର୍ଯ୍ୟ ପୂଜା, ଅପରାହ୍ଣ ୨ ଘଟିକାରେ ପହଣ୍ଡି ବିଜେ, ଅପରାହ୍ଣ ୩ ଘଟିକାରେ ଛେରା ପହଁରା ଏବଂ ଅପରାହ୍ଣ ୪ ଘଟିକାରେ ରଥ ଟଣା କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଅନୁଷ୍ଠିତ ହୋଇଥିଲା । ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ସଂକଳ୍ପ ସ୍ୱସ୍ତିକ ସାହୁ ଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଏବଂ ମନ୍ଦିର ସେବାୟତ ମାନଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦିତ ହୋଇଥିଲା । ପାରମ୍ପାରିକ ରୀତିନୀତି ଅନୁଯାୟୀ ପୂର୍ବତନ ସାଂସଦ ପ୍ରସନ୍ନ କୁମାର ପାଟ୍ଟଶାଣୀ ଯୋଗଦେଇ ମହାପ୍ରଭୁଙ୍କ ଛେରା ପହଁରା କରିଥିଲେ । ତିନିଠାକୁର ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତମ ଦେବ, ବଡ଼ଭାଇ ହଳାୟୁଧ ଏବଂ ମା’ ସୁଭଦ୍ରା ରଥାରୂଢ଼ ହେଲା ପରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ରଥାରୂଢ଼ ଚତୁର୍ଦ୍ଧାମୂର୍ତି, ଶ୍ରୀ ଶ୍ରୀ ବଳଭଦ୍ର ଏବଂ ମା ସୁଭଦ୍ରାଙ୍କୁ ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବ, ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ହୋତା ଦର୍ଶନ କରି ବିଭୁକୃପା ଲାଭକାରୀ ଜିଲ୍ଲାର ଉନ୍ନତି ଏବଂ ଜିଲ୍ଲାବାସୀଙ୍କ ସୁଖ ସମୃଦ୍ଧି କାମନା କରି ସେବାୟତ ମାନଙ୍କ ସହ ଆଲୋଚନା କରିଥିଲେ । ସେହିପରି ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ପ୍ରବାହ୍ନରେ ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତମ ଦେବଙ୍କ ଦର୍ଶନ କରି ବିଭିକୃପା ଲାଭ କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ସେବା, ସ୍ୱାସ୍ଥ୍ୟ ସେବା, ଆଇନ ଶୃଙ୍ଖଳା ସେବା, ବିଶୁଦ୍ଧ ପାନୀୟ ଜଳ ସେବା,ଟି ପି ସି ଓ ଡି ଏଲ ପକ୍ଷରୁ ବିଜୁଳି ସେବା, ଅଗ୍ନିଶମ ସେବା ସହ ଅତ୍ୟାବଶ୍ୟକ ସେବା ଯୋଗାଇ ଦିଆଯାଇଥିଲା । ରଥାରୂଢ଼ ବିଗ୍ରହ ମାନଙ୍କୁ ଭକ୍ତ ଶ୍ରଦ୍ଧାଳୁମାନେ ଆନନ୍ଦରେ ଆଇ ଆଇ ସି, ସଦର ଆଦର୍ଶ ଥାନା ସଞ୍ଜୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ପୁଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳାର ସହ ଭକ୍ତ ଶ୍ରଦ୍ଧାଳୁ ମାନେ ହରିବୋଲ ହୁଳହୁଳି ମଧ୍ୟରେ ରଥ ମାଉସୀ’ମା ଜାଗେଶ୍ୱରୀ ମନ୍ଦିରରେ ପହଂଚିଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଙ୍କ ତତ୍ତ୍ୱାବଧାନରେ ସୂଚନା କେନ୍ଦ୍ର ଖୋଲାଯାଇ ମହାପ୍ରଭୁଙ୍କ ରଥଟଣା କାର୍ଯ୍ୟସୂଚୀ ତଥା ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ, ଶ୍ରୀ ଜଗନ୍ନାଥ ଜଣାଣ ବିକ୍ରୟ କରାଯିବା ସହ ସଫଳ କାହାଣୀ ନିୟୁଜ ବୁଲେଟିନ ପୁସ୍ତିକା ‘ପ୍ରଗତି ପ୍ରବାହ ‘ବଂଟନ କରାଯାଇଥିଲା । ସେହିପରି ଖୋର୍ଦ୍ଧା ପୌର ପରିଷଦ ଗୁରୁଜଙ୍ଗ, ତଳସାହି, ଭାଲିଆବାଡ଼ି, ଉଇଲ କିଶନ ନଗର ଆଦି ସ୍ଥାନରେ ମହାପ୍ରଭୁଙ୍କ ଘୋଷଯାତ୍ରା ହଜାର ହଜାର ଭକ୍ତଙ୍କ ଗହଣରେ ଅନୁଷ୍ଠିତ ହୋଇଥିଲା ।

